CC0. In Public Domain. Digitizagtion by eGangotri

ଭକ୍ତକବି ଭକ୍ତଚରଣ ଦାସକୃତ

ମନବୋଧ ଚଉତିଶା

ସଂକଳକ: ପଣ୍ଡିତ ବ୍ରଜକିଶୋର ହୋତା



Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଭକ୍ତକବି ଭକ୍ତଚରଣ ଦାସକୃତ

ମନବୋଧ ଚଉତିଶା

ବ୍ୟାଖ୍ୟାକାର

ପଣ୍ଡିତ ବ୍ରଜକିଶୋର ହୋତା

ସତ୍ୟନାରାୟଣ ବୁକ୍‌ଷ୍ଟୋର

ବିନୋଦବିହାରୀ, କଟକ - ୨

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଭକ୍ତକବି ଭକ୍ତଚରଣ ଦାସକୃତ

ମନବୋଧ ଚଉତିଶା

ବ୍ୟାଖ୍ୟାକାର:
ପଣ୍ଡିତ ବ୍ରଜକିଶୋର ହୋତା

ପ୍ରକାଶକ :
ସତ୍ୟନାରାୟଣ ବୁକ୍ ଷ୍ଟୋର
ବିନୋଦବିହାରୀ, କଟକ - ୨

ପ୍ରଥମ ସଂସ୍କରଣ : ୨୦୧୨

ଅକ୍ଷରସଜ୍ଜା :
ମା'ଶାରଳା ଡି.ଟି.ପି.
ସେକ୍ଟର-୬, ସିଡ଼ିଏ, କଟକ

ମୁଦ୍ରଣ :
କାଳିଆ ପ୍ରିଣ୍ଟର୍ସ,
କଟକ

ମୂଲ୍ୟ : ଟ ୨୮/-

Bhaktakabi Bhaktacharan Dasakruta

MANABODHA CHOUTISHA

Editer :
PANDIT BRAJAKISHORE HOTA

Published by :
SATYANARAYAN BOOK STORE
Binodbehari, Cuttack-753002

1st Edition : **2012**

Laser Typeset :
Maa Sarala D.T.P.
Sec-6, CDA, Cuttack - 14

Printed by :
Kalia Printers,
Cuttack

PRICE : Rs. 28/-

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ପ୍ରାଗ୍‌ଭାଷ

ଓଡ଼ିଆ ସାହିତ୍ୟରେ ଭକ୍ତଚରଣ ଦାସଙ୍କ ସ୍ଥାନ ସ୍ୱତନ୍ତ୍ର ଓ ମହତ୍ତ୍ୱପୂର୍ଣ୍ଣ । ରୀତିଯୁଗର ଏହି ମହାନ୍ ସାରସ୍ୱତ ସାଧକ ନିଜର ମହନୀୟ ସାରସ୍ୱତ ସୃଷ୍ଟିରେ ଓଡ଼ିଶାର ଜନସାଧାରଣଙ୍କ ନିକଟରେ ସୁପରିଚିତ । ଏହି ଜନପ୍ରିୟ କବିଙ୍କର ଜନ୍ମସ୍ଥାନ ଖୋର୍ଦ୍ଧା ଜିଲ୍ଲାର ରାଜସୁନାଖଳା ସନ୍ନିକଟ ସାନପଦର ଗ୍ରାମ । ବୈଷ୍ଣବ ଧର୍ମରେ ଦୀକ୍ଷିତ ହେବାପରେ ସେ ବୈରାଗୀଚରଣ ପଟ୍ଟନାୟକରୁ ଭକ୍ତଚରଣ ଦାସ ନାମରେ ନାମିତ ହେଲେ । ଏହି ସଂସାରବିରାଗୀ ସନ୍ନ୍ୟାସୀ ପଦବ୍ରଜରେ ଭାରତର ବିଭିନ୍ନ ତୀର୍ଥସ୍ଥାନ ପର୍ଯ୍ୟଟନ କରି କୃଷ୍ଣଭକ୍ତିର ମହାଭାବରେ ଅନୁପ୍ରାଣିତ ହୋଇଥିଲେ । ଖୋର୍ଦ୍ଧା ଜିଲ୍ଲାରେ ଥିବା ଚାରିଗୋଟି ମଠ ତାଙ୍କର ସୃତିର ସ୍ୱାକ୍ଷର ବହନ କରେ । କୁହାଯାଏ, ଏହି ମହାନ୍ କବି ପ୍ରାୟ ପଞ୍ଚାଅଶୀ ବର୍ଷ ପର୍ଯ୍ୟନ୍ତ ଜୀବିତ ଥିଲେ । ସେ ଏକାଧାରରେ ଥିଲେ କବି, କବିରାଜ ଓ ଭକ୍ତ । କବିଙ୍କର ସାଧନାସ୍ଥଳ ଥିଲା ରାଜସୁନାଖଳା ମଠ ।

ଭକ୍ତଚରଣ ସ୍ୱୀୟ କର୍ମ, ସାଧନା ଓ ଈଶ୍ୱର ବିଶ୍ୱାସରେ ଥିଲେ ପରମ ବୈଷ୍ଣବ । ଏହି ବୈଷ୍ଣବ କବି ଥିଲେ କୃଷ୍ଣଭକ୍ତିର ଉପାସକ । ସେ ନିଜର ଶ୍ରେଷ୍ଠ କୃତି 'ମଥୁରାମଙ୍ଗଳ'ରେ ରାଧାକୃଷ୍ଣ ପ୍ରେମଠାରୁ ଗୋପୀକୃଷ୍ଣ ପ୍ରେମର ପ୍ରାଧାନ୍ୟ ପ୍ରତିପାଦନ କରିଛନ୍ତି । ଓଡ଼ିଶାର ପୁରପଲ୍ଲୀରେ ଏହି କାବ୍ୟର ବିଶେଷ ଆଦୃତି ରହିଛି ।

ମଥୁରାମଙ୍ଗଳ ରଚନା ପୂର୍ବରୁ କବି 'କଳାକଳେବର ଚଉତିଶା' ଓ 'ମନଶିକ୍ଷା' ରଚନା କରିଥିଲେ । ଏହି ରଚନାଗୁଡ଼ିକ କବିଙ୍କର ଏକ ଏକ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଲୋକପ୍ରିୟ ହୃଦୟସ୍ପର୍ଶୀ ସୃଷ୍ଟି । ଏହାଛଡ଼ା କବି ଦୁଇଗୋଟି ଚିକିତ୍ସାଶାସ୍ତ୍ର ଓ 'ଗୋପମଙ୍ଗଳ' ନାମକ କାବ୍ୟ ରଚନା କରିଥିବା କୁହାଯାଏ ।

ମଥୁରାମଙ୍ଗଳର ବିଷୟବସ୍ତୁ ଗତାନୁଗତିକ କୃଷ୍ଣଚରିତ ରଚନା । ଏହି ଛନ୍ଦୋବଦ୍ଧ କାବ୍ୟରେ କବିଙ୍କର ସରଳ-ସାବଲୀଳ ଭାଷାରେ ବିଷୟ ପରିବେଷଣ ଶୈଳୀର ସ୍ୱାତନ୍ତ୍ର୍ୟ ପରିଲକ୍ଷିତ । ପ୍ରବଳ ପ୍ରତାପୀ ମଥୁରାଧିପତି କଂସ ନିଜ ମୃତ୍ୟୁର ହେତୁ କୃଷ୍ଣଙ୍କର ନିଧନପାଇଁ ବହୁ ଉଦ୍ୟମ ଓ ଯୋଜନା କରି ବିଫଳ ହେବା ପରେ ମନ୍ତ୍ରୀ ଅକ୍ରୂରଙ୍କ ସହାୟତାରେ ଧନୁସ୍ରବ ବ୍ୟାଜରେ ନିମନ୍ତ୍ରଣ କରି ତାଙ୍କୁ ମଥୁରାକୁ ଆଣିଥିଲା । କଂସବଧ ପରେ ମଥୁରାରେ ଶାନ୍ତି ପ୍ରତିଷ୍ଠା ହୁଏ । କୃଷ୍ଣ ଗୋପ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ଧବଦ୍ୱାରା ସନ୍ଦେଶ ପ୍ରେରଣ କରନ୍ତି । ଏଠାରେ 'ମଥୁରାମଙ୍ଗଳ' କାବ୍ୟର ପରିସମାପ୍ତି ଘଟେ ।

ଆଲୋଚ୍ୟ 'ମନବୋଧ ଚଉତିଶା' ଭକ୍ତଚରଣଙ୍କ ଏକ କ୍ଷୁଦ୍ର ପୁସ୍ତିକା ହେଲେ ମଧ୍ୟ ଗ୍ରାମୀଣ ଜନତାଙ୍କ ମଧ୍ୟରେ ଏହା ବିଶେଷ ଜଣାଶୁଣା । ଚଉତିଶା ରୀତିରେ ଏହି ପୁସ୍ତିକାଟି ଲିଖିତ । 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶଟି ଅକ୍ଷରକୁ କ୍ରମାନ୍ୱୟରେ ପଦର ଆରମ୍ଭରେ ରଖି କବିତା ରଚନା ହେଉଛି 'ଚଉତିଶା' । କବି ଉକ୍ତ ଚଉତିଶାରେ ଜୀବନତତ୍ତ୍ୱ, ସାଂସାରିକ ଅନିତ୍ୟତା, ଅଳୀକତା ଓ ମୋକ୍ଷପ୍ରାପ୍ତି ନିମିତ୍ତ ଈଶ୍ୱରଭକ୍ତିର ଆବଶ୍ୟକତାକୁ ସୁନ୍ଦର ଭାବରେ ବିଶ୍ଳେଷଣ କରିଛନ୍ତି । ଏହି ଚଉତିଶାର ଅନ୍ତର୍ବାଣୀ ଅତ୍ୟନ୍ତ କରୁଣ । କାଳର ଶକ୍ତି ନିକଟରେ ମନୁଷ୍ୟର ଆତ୍ମମରିତା ଅତି ତୁଚ୍ଛ ।

ଏହା ଏକ ସମ୍ବୋଧନୀ କବିତା । କବି ମନକୁ ସମ୍ବୋଧନ କରି ସଂସାରୀ ମଣିଷକୁ ଆସକ୍ତି-ଲାଳସା, ଧନଲୋଲୁପତା, ଈଶ୍ୱରବିମୁଖତା ଓ ଅସତ୍‌ମାର୍ଗଗାମିତାରୁ ମୁକ୍ତି ଦେବାକୁ ଆହ୍ୱାନ କରିଛନ୍ତି । କବି ପୁସ୍ତକରେ ମୃତ୍ୟୁର ଭୟଙ୍କାରିତା ଓ ଈଶ୍ୱରପ୍ରୀତିର ମହନୀୟତାର ଉଲ୍ଲେଖ କରିଛନ୍ତି । ଅର୍ଥ ଓ କାମ ଜୀବନର ଲକ୍ଷ୍ୟ ନୁହେଁ; ଧର୍ମ ଓ ମୋକ୍ଷପ୍ରାପ୍ତି ପ୍ରତ୍ୟେକ ମନୁଷ୍ୟର ଜୀବନର

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ପରମ ଲକ୍ଷ୍ୟ ହେବା ଉଚିତ । ଚଉତିଶାଟି ଦାର୍ଶନିକ ତତ୍ତ୍ୱ, ଭକ୍ତିଭାବନା ଓ ସଦୁପଦେଶର ସମନ୍ୱିତ ପରିପ୍ରକାଶ । ଏହା ଏକ ଦାର୍ଶନିକ ରଚନାବଳୀ ହେଲେ ମଧ୍ୟ ସରଳ ଓ ସୁଖବୋଧ ଶୈଳୀରେ ରଚିତ ହୋଇଥିବାରୁ ଅତୀତରେ ଓଡ଼ିଶାର ଚାଟଶାଳୀ ଶିକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

ମନବୋଧ ଚଉତିଶାରେ ମନର ସୁନ୍ଦର ବିଶ୍ଳେଷଣ କରାଯାଇଛି । ମନ ହିଁ ସୁଖଦୁଃଖର ହେତୁ, ବିଷୟବାସନାଜର୍ଜରିତ ମନ କୁମାର୍ଗୀ ହୋଇ କୁକର୍ମଲିପ୍ତ ହୁଏ । ସୁତରାଂ ମନର ସଂଯମତା ଉପରେ କବି ପ୍ରାଧାନ୍ୟ ଦେଇଛନ୍ତି । ଶ୍ରୀମଦ୍ ଭଗବଦ୍ ଗୀତାରେ ଚଞ୍ଚଳମନକୁ ନିୟନ୍ତ୍ରଣ କରିବା କଠିନ ହେଲେ ମଧ୍ୟ ଅସମ୍ଭବ ନୁହେଁ ବୋଲି କୁହାଯାଇଛି । ବାରମ୍ବାର ଅଭ୍ୟାସ ଓ ବୈରାଗ୍ୟବଳରେ ଏହାର ନିୟନ୍ତ୍ରଣ ସମ୍ଭବପର । ଗୀତାବାଣୀ ହେଉଛି–

"ଅସଂଶୟ ମହାବାହୋ ମନୋଦୁର୍ନିଗ୍ରହ ଚଳମ୍
ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ ।"

ଏତଦ୍‌ବ୍ୟତୀତ ଭକ୍ତଚରଣ ଚଞ୍ଚଳଚିତ୍ ମନୁଷ୍ୟକୁ ଠିକ୍ ବାଟକୁ ଆଣିବା ନିମିତ୍ତ ପ୍ରଭୁଦର୍ଶନ, ଇଶ୍ୱରଙ୍କଠାରେ ଶ୍ରଦ୍ଧାବିଶ୍ୱାସ, ଗୁରୁଭକ୍ତି, ଦାନଧର୍ମ କରିବା ପାଇଁ ବାରମ୍ବାର ଉପଦେଶ ଦେଇଛନ୍ତି । ଦୁଃଖର ଅତଳ ଅମ୍ବୁଧିରୁ ଦୁର୍ଲଭ ଦେହର ଉଦ୍ଧାର ପାଇଁ ହରିନାମନୌକାର ଆଶ୍ରୟ ନେବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ ।

ଚଉତିଶାର ଭାଷା ସରଳ, ସହଜ ଓ ସୁପାଠ୍ୟ ହେଲେ ମଧ୍ୟ କେତେକ ପଦରେ ପ୍ରତୀକାତ୍ମକ ଶବ୍ଦ ଓ ବାକ୍ୟର ପ୍ରୟୋଗ ରଚନାଟିକୁ ଦୁର୍ବୋଧ୍ୟ କରିଛି । ସାଧାରଣ ମଣିଷ ପାଇଁ ଏହା ରହସ୍ୟାତ୍ମକ ଓ ଅବୋଧ ହୋଇଅଛି । ଏଭଳି ଏକ ଦାର୍ଶନିକ ଭକ୍ତି ପୁସ୍ତକର ଟୀକା ଓ ବ୍ୟାଖ୍ୟା କରିବାପାଇଁ କଟକର 'ସତ୍ୟନାରାୟଣ ବୁକ୍ ଷ୍ଟୋର'ଙ୍କ ଦ୍ୱାରା ମୁଁ ପ୍ରଚୋଦିତ ହୋଇଛି । କ୍ଷୁଦ୍ରବୁଦ୍ଧିରେ ଭାବବିଶ୍ଳେଷଣ ଯେତିକି ପାରିଛି, କରିଛି । ତ୍ରୁଟିଶୂନ୍ୟ ବୋଲି କହିବାର ସାହସ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ନାହିଁ । ସହୃଦୟ ତତ୍ତ୍ୱଜ୍ଞମାନଙ୍କର ଅନୁଭୂତିସିଦ୍ଧ ଉପଦେଶ, ପରାମର୍ଶ କାମନା କରୁଛି; ଯାହା ପରବର୍ତ୍ତୀ ସଂସ୍କରଣ ନିମିତ୍ତ ସହାୟକ ହେବ ।

'ସତ୍ୟନାରାୟଣ ବୁକ୍ ଷ୍ଟୋର୍'ର ପ୍ରକାଶକ ଶ୍ରୀଯୁକ୍ତ ସତ୍ୟନାରାୟଣ ଚୌଧୁରୀ ଏହାର ପ୍ରକାଶନ ଦାୟିତ୍ୱ ଗ୍ରହଣ କରିଥିବାରୁ ମୁଁ କୃତଜ୍ଞ; ଏହା ସହିତ ତାଙ୍କ ଅନୁଷ୍ଠାନର ଉତ୍ତୋରତ୍ତର ଉନ୍ନତି କାମନା କରୁଛି ।

ଓଁ ତତ୍ ସତ୍ ।

ବ୍ରଜକିଶୋର ହୋତା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ସଟୀକ ମନବୋଧ ଚଉତିଶା

କହଇ ମନ ଆରେ ମୋ ବୋଲ କର
କଳା ଶ୍ରୀମୁଖ ବାରେ ଦେଖିବା ଚାଲରେ ।
କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଠ
କି ଘେନିଯିବୁ ତୋର ଛୁଟିଲେ ଘଟରେ ।

ମର ଲୋକରେ 'ନର' ଈଶ୍ୱରଙ୍କର ଶ୍ରେଷ୍ଠ ପରିପ୍ରକାଶ । ଯଥାର୍ଥରେ କୁହାଯାଇଛି 'ନରତ୍ୱଂ' ଦୁର୍ଲ୍ଲଭଂ ଲୋକେ... । ନରତ୍ୱ ବା ମଣିଷପଣିଆର ବିକାଶରେ ହିଁ ଜୀବନର ସାର୍ଥକତା ପ୍ରତିପାଦିତ । ମାତ୍ର କ୍ଷଣିକ ସୁଖ ଓ ଭୌତିକ ଆକର୍ଷଣକୁ ସର୍ବସ୍ୱ ମନେକରି ମନୁଷ୍ୟ ଦୁଃଖକୁ ଆପଣେଇ ନେଉଛି । ଏଥିରେ ସାହାଯ୍ୟ କରୁଛି ଅନ୍ତଃକରଣ ବା ମନ । ମନ ବଶୀଭୂତ ମଣିଷ ହିଁ ସ୍ୱୀୟ ଦୁଃଖର କାରଣ । ପଞ୍ଚେନ୍ଦ୍ରିୟ ପରି ମନ ମନୁଷ୍ୟକୁ ବିପଥଗାମୀ କରାଏ । ମନ ବଡ଼ ଚଞ୍ଚଳ ଓ ଦୁର୍ନିବାର । ଏହା ଯୋଗୁ ଲୋକ ଅସାରକୁ ସାର ମନେକରେ । ତା' ଦୃଷ୍ଟିରେ ଅପଥ ହୁଏ ପଥ । ସେ ହିତାହିତ ଜ୍ଞାନ ଭୁଲି କୁର୍କମଲିପ୍ତ ହୁଏ ।

ଏହି ଦୁଃଖବନ୍ଧନଦାତା ମନର କବଳରୁ ମାନବକୁ ମୁକ୍ତିଦେବା ପାଇଁ କାହିଁ କେଉଁ ଆବହମାନ କାଳରୁ ମୁନିଋଷି, ସାଧୁସନ୍ଥ, ଜ୍ଞାନୀଗୁଣୀ, ପଣ୍ଡିତବିଦ୍ୱାନ୍ ଓ ନୀତିକାରମାନେ ନୀତି, ଉପଦେଶ ପ୍ରଦାନ କରିଛନ୍ତି । ମନ-ଅଶ୍ୱକୁ ଲଗାମ ଦେବାପାଇଁ ଭକ୍ତିରଜ୍ଜୁର ଆବଶ୍ୟକତା ଦର୍ଶାଇଛନ୍ତି । ଏହି ପରିପ୍ରେକ୍ଷୀରେ ରୀତିଯୁଗୀୟ କବି ଭକ୍ତଚରଣ ଦାସଙ୍କ 'ମନବୋଧ ଚଉତିଶା' ଉଲ୍ଲେଖନୀୟ । ମନକୁ ସଂଯତ କରି ବିଚାରଶକ୍ତିର ଜାଗ୍ରତ କରାଇବା ଏହି

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଚଉତିଶାର ଆଭିମୁଖ୍ୟ । ଚଳଚଞ୍ଚଳ ସଂବୋଧିତ ମନ ମାଧ୍ୟମରେ କବି ଶୁଣାଇଛନ୍ତି, 'ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ'ର ଚିରନ୍ତନୀ ବୈଦିକ ଝଂକାର ।

ଜୀବନମୁଦ୍ରାର ଦୁଇପାର୍ଶ୍ୱରେ ରହିଛି ଦୁଇଟି ଛବି । ଗୋଟିଏ ଅଧାତ୍ମବିଳସିତ, ଜ୍ଞାନାଲୋକଦୀପ୍ତ ପରମାତ୍ମାଙ୍କର ଦିବ୍ୟ ପ୍ରକାଶ ଓ ଅନ୍ୟଟି ବିଷୟବାସନାବିଳସିତ ଲୋଭନୀୟ ଆକର୍ଷଣ । ଦ୍ୱିତୀୟଟିରେ ଜୀବ ହୁଏ ମାୟାବଦ୍ଧ । ସୁତରାଂ ପାର୍ଥିବ ଜୀବନରେ ଶାଶ୍ୱତସୁଖ ଲାଭପାଇଁ ଅନର୍ଥର ମୂଳ ମନକୁ ବନ୍ଧନ କରିବା ନିମିତ୍ତ କବି ମାର୍ଗଦର୍ଶନ କରାଇଛନ୍ତି । କର୍ମଜଂଜାଳ ଭିତରେ ଚିଦାନନ୍ଦଙ୍କ ଚରଣରେ ମନପ୍ରାଣ ସମର୍ପଣ କଲେ ମଙ୍ଗଳମୟଙ୍କର ମଙ୍ଗଳଦର୍ଶନ କରିହେବ । ହିନ୍ଦୁବିଚାରରେ ପରମେଶ୍ୱର ନିରାକାର ଓ ସାକାର । ସ୍ୱ ଇଚ୍ଛାରେ ସେ ରୂପ ପରିଗ୍ରହ କରନ୍ତି । ବିଦଗ୍ଧଚିନ୍ତାମଣିକାର ଏଇ ମର୍ମରେ ଉଲ୍ଲେଖ କରିଛନ୍ତି,

"ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧାହରି
ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କର ଅବତରି ।"

ପ୍ରତ୍ୟକ୍ଷୀଭୂତ ସାକାର ଦର୍ଶନରେ ଈଶ୍ୱରବିଶ୍ୱାସ ଦୃଢ଼ୀଭୂତ ହୁଏ । ପୁଣ୍ୟପୀଠ ଭାରତ ଭୂମିରେ ଈଶ୍ୱରଙ୍କର ସାକାର ଅବତାର ଅନେକ । କଳିକଲୁଷହାରୀ ଶ୍ରୀପୁରୁଷୋତ୍ତମ ଶ୍ରୀକ୍ଷେତ୍ରର କଳାଶ୍ରୀମୁଖ । କଳାଶ୍ରୀମୁଖ ହେଉଛନ୍ତି ଜଗତର ନାଥ ଶ୍ରୀ ଜଗନ୍ନାଥ । ସେ ହିଁ ସୃଷ୍ଟିର ଶ୍ରେଷ୍ଠ କାଳାକାର । ଚତୁଃଷଷ୍ଟି କଳାର ସେ ସ୍ରଷ୍ଟା । ତାଙ୍କରି କଳାଶ୍ରୀମୁଖ ଦର୍ଶନରେ ଜୀବନର ଜନ୍ମଜନ୍ମର ପାତକ-କାଳିମା ଧୋଇହୋଇଯାଏ । ଜଗନ୍ନାଥପ୍ରାଣୈକତା ହିଁ ଜୀବର ଉଦ୍ଧାର ମାର୍ଗ ।

ବାହୁବଳୀ, ଧନମଦମତ୍ତ ମଣିଷ ଧରାକୁ ସରା ଜ୍ଞାନକରେ । ଅହଂ ହି ଏହାର ମୂଳ କାରଣ । ଏଭଳି ଦୃଢ଼ତା କ୍ଷଣସ୍ଥାୟୀ, ବିଜୁଳିର ପ୍ରକାଶ ପରି । ମୃତ୍ୟୁରେ ଏହାର ପରିସମାପ୍ତି ଘଟେ । ଗୀତାବାଣୀ ହେଉଛି – "ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟଚ..." ମୃତ୍ୟୁରେ ହିଁ ମାନବର ଆଣ୍ଠପଣ ବା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଦମ୍ଭ ଭାଜିଯାଏ । ଜୀବ ସହିତ ଅହଂ, ଧନସଂପତ୍ତି, ସଂଚିତ ବିପୁଳ ଅର୍ଥ, ପରିବାର, ଏପରିକି ଅର୍ଦ୍ଧାଙ୍ଗିନୀ ପତ୍ନୀ, ପୁତ୍ରକନ୍ୟା କେହି ସହଯାତ୍ରୀ ହୋଇ ନଥାନ୍ତି ।

"ନାମୁତ୍ର ସହାୟାର୍ଥଂ ପିତାମାତା ଚ ତିଷ୍ଠତଃ ।
ନ ପୁତ୍ରୋ ନ ଦାରା ନ ଜ୍ଞାତିଃ ଧର୍ମସ୍ତିଷ୍ଠତି କେବଳଃ ।"

ଜୀବିତାବସ୍ଥାରେ କରିଥିବା ସୁକର୍ମ ବା ଧର୍ମ ହିଁ କେବଳ ସାଙ୍ଗରେ ଯାଏ । କଥିତ ଅଛି, 'ଧର୍ମାନୁଗୋ ଗଚ୍ଛତି ଜୀବ ଏକଃ ।' ଅତଏବ କ୍ଷଣସ୍ଥାୟୀ ଜୀବନକାଳରେ ଚିରସ୍ଥାୟୀ ପୁଣ୍ୟାର୍ଜନ ପ୍ରୟାସ କରଣୀୟ ।

ଖଣ୍ଡି ଯେ ଖଣ୍ଡି ତୋର ପଞ୍ଜରା କାଠି
ଖାଉଶ ଥିବେ ଶ୍ୱାନ ଶୃଗାଳ ବାଣ୍ଟିରେ ।
ଖଟ ପଲଙ୍କେ ଶେଯ ଶେଜାଇ ଶୋଉ
ଖଳଦୁର୍ଗନ୍ଧ ହେବ ଏ ତୋର ଦେହୁଁ ରେ ।

ପ୍ରାଣଶକ୍ତି ଚାଲିଯିବା ପରେ ଶରୀର ହୁଏ ନିର୍ଜୀବ, ଜଡ଼ । ଜଡ ଶରୀର ଶବ । ଶବ ଜାଣେନି ଶରୀରର ଭଲମନ୍ଦ ବ୍ୟାପାର । କ୍ରମଶଃ ରକ୍ତ, ମାଂସ, ମେଦ, ମଜ୍ଜାରେ ଗଠିତ ଶରୀରର ପଚନକ୍ରିୟା ଆରମ୍ଭ ହୁଏ । ମୃତ ବ୍ୟକ୍ତିର ଆତ୍ମୀୟମାନେ ଶବର ଦାହ ସଂସ୍କାର କରନ୍ତି । ଏହା ହେଉଛି ଜୀବନର ଶେଷ ସଂସ୍କାର 'ଅନ୍ତ୍ୟେଷ୍ଟି' । ମାତ୍ର ସବୁକ୍ଷେତ୍ରରେ ସବୁ ଲୋକଙ୍କ ପକ୍ଷରେ ଏହା ସମ୍ଭବପର ନୁହେଁ । କାରଣ ଜନ୍ମମୃତ୍ୟୁର ରହସ୍ୟ ଭେଦ କରିବାର ଶକ୍ତି ମନୁଷ୍ୟ ହାସଲ କରିନାହିଁ । ତେଣୁ ମୃତ୍ୟୁ କେଉଁଠି ହେବ, କିପରି ହେବ ତାହା ତା'ର ଜ୍ଞାନର ବାହାରେ । ଏପରି ହୋଇପାରେ, ଆତ୍ମୀୟସ୍ୱଜନଙ୍କ ଅଗୋଚରରେ ବ୍ୟକ୍ତିର ମୃତ୍ୟୁ ହୁଏ । କେହି ପାଖରେ ନଥାନ୍ତି ଆହା କରିବାକୁ ବା ତୁଣ୍ଡରେ ନିର୍ମାଲ୍ୟ ପାଣି ଟୋପାଏ ଦେବାପାଇଁ । ବାସ୍ତବିକ ଜୀବନର ଅନ୍ତିମ ପରିଣତି ଅତି କରୁଣ ଓ ମର୍ମସ୍ପର୍ଶୀ । ଏପରି ସମୟ ଆସେ ମୃତ ଦେହ ଶ୍ୱାନ, ଶୃଗାଳ, କାକଙ୍କର ଆହାର ହୁଏ, କଙ୍କାଳ ଖଣ୍ଡବିଖଣ୍ଡିତ ହୋଇ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଏଣେତେଣେ ପଡ଼ି ରହେ । ସେହି ପଞ୍ଜରା ହାଡ଼ ବିଲୁଆ କୁକୁରଙ୍କର ଖାଦ୍ୟ ହୁଏ । ସେଥିପାଇଁ ସେମାନଙ୍କ ଭିତରେ ଟଣାଓଟରା । ଜୀବନର ଅନ୍ତିମ ପରିଣତିର ଏଇ ବାସ୍ତବ ଚିତ୍ର ମିଥ୍ୟା ନୁହେଁ । ରାସ୍ତା କଡ଼ରେ କୁକୁର ଶବକୁ ଝୁଣି ଖାଉଥିବାର ଖବର ଗଣମାଧ୍ୟମରୁ ଜାଣିବାକୁ ମିଳୁଛି । ତେଣୁ ଅମୂଲ୍ୟ ଜୀବନକୁ ବୃଥା ଖାଇବା ପିଇବା, ମଉଜମଜଲିସ୍‌ରେ ନଷ୍ଟ କରିଦେବା ଠିକ୍ ନୁହେଁ ।

ଜୀବିତାବସ୍ଥାରେ ମଣିଷ ନିଜପାଇଁ କେତେ ତତ୍ପର । ଦାମୀନାମୀ ଖଟପଲଙ୍କ ତିଆରି କରେ ନିଜ ପାଇଁ । ପୁଣି ସୁକୋମଳ ତୂଳୀତଳ୍ପ, ତକିଆର ଆୟୋଜନ । ଦୂରଦୃଷ୍ଟିହୀନ ମନୁଷ୍ୟ ଆଗାମୀ ଚିନ୍ତନ ନକରି ବିଳାସବ୍ୟସନରେ ବୁଡ଼ିରହେ । ସମୟର ଅପଚୟ କରେ । ଜୀବନର ପ୍ରକୃତ ଲକ୍ଷ୍ୟଠାରୁ ଦୂରେଇ ଯାଏ । ମୃତ୍ୟୁପରେ ସମସ୍ତ ଭୌତିକ ସୁଖବିଳାସ ବ୍ୟର୍ଥ ହୁଏ । ଆପଣାର ଶରୀର ପଚିସଡ଼ି ଦୁର୍ଗନ୍ଧାୟିତ ହୁଏ । ହାୟ, ଜୀବନର ଏହାହିଁ ଦୁଃଖଦ ପରିଣତି । ଅତଏବ ଦେହାଭିମାନ ଛାଡ଼ି ଚିତ୍‌ଚିନ୍ତନରେ ମନ-ପ୍ରାଣକୁ ସମର୍ପି ଦେବା ଦରକାର ।

ଗଲେଣି ତୋ' ସଙ୍ଗତୁ ଯେତେକ ଜନ
ଗଣ୍ଠିରେ ବାନ୍ଧିନେଲେ କେ କେତେ ଧନରେ ।
ଗୁରୁଗୋବିନ୍ଦ ନାମ ତୁଣ୍ଡେ ନ ବୋଲୁ
ଗାଢ଼େ ମଜ୍ଜିଣ ନିତ୍ୟେ ଧନ ଅର୍ଜିଲୁ ରେ ।

ଜନ୍ମ ସତ୍ୟ, ମୃତ୍ୟୁ ସତ୍ୟ । ଜନ୍ମ ଯା'ର ଅଛି ମୃତ୍ୟୁ ତା'ର ଅଛି । ଅମୃତ ଆସ୍ୱାଦନ କରି ବା ଅମରବର ପାଇ କେହି ପୃଥିବୀରେ ଭୂମିଷ୍ଠ ହୋଇ ନାହାନ୍ତି । କେହି ସୁନାର ମୁକୁଟ ବାନ୍ଧି ଜନ୍ମ ନେଇନାହାନ୍ତି । ଏଇ ବିଶାଳ ପୃଥିବୀ ପଡ଼ିରହିଛି । କେତେ ରାଜାମହାରାଜା, ସାଧୁସନ୍ଥ, ଜ୍ଞାନୀଗୁଣୀ, ଧନୀନିର୍ଦ୍ଧନ, ଚୋରତସ୍କର, ପାପୀତାପୀ ଜନ୍ମନେଇ ଧରାଧାମ ତ୍ୟାଗ କରିଛନ୍ତି । କାଳ ତାହାକୁ ଛାଡ଼ି ନାହିଁ । ସମସ୍ତେ କାଳକବଳିତ । ଭାଗବତୀ ବାଣୀ ହେଉଛି,

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

'କାଳର ବଶ ଏ ଜଗତ
ପ୍ରାଣୀଏ କାଳର ଆୟତ୍ତ ।'

ଜାତ ପ୍ରାଣୀ ମରେ ବୋଲି ଧରଣୀର ନାମ ମର୍ତ୍ତ୍ୟ । ପ୍ରତ୍ୟେକଙ୍କ ଘରୁ କେହି ନା କେହି ମରିଛି । ଆଗକୁ ନିଶ୍ଚିତ ମରିବେ । ଘର ବାହାରେ ସବୁଠାରେ ମୃତ୍ୟୁର ଅବାଧ ରାଜତ୍ୱ । ଏହା ଦୃଶ୍ୟମାନ ମର୍ତ୍ତ୍ୟର ଦୃଶ୍ୟ । ସର୍ବତ୍ର ଅହରହ ମରଣର କରୁଣଧ୍ୱନି ଶ୍ରୁତିଗତ ହେଉଛି ।

ମନୁଷ୍ୟ ସୁଖସ୍ୱାଚ୍ଛନ୍ଦ୍ୟରେ ଚଳିବା ପାଇଁ ଧନ ଅର୍ଜ୍ଜନ କରେ । ଧନସର୍ବସ୍ୱ ମଣିଷପାଇଁ ସତ୍-ଅସତ୍‌ର ବିଚାର ନଥାଏ । ଯେନତେନ ପ୍ରକାରେଣ ଧନ ସଂଚୟ ତା'ର ଲକ୍ଷ୍ୟ । ଚଳିବା ପାଇଁ ଧନର ଅଭାବ ନଥିଲେ ମଧ୍ୟ ଲୋଲୁପତାର ବଶବର୍ତ୍ତୀ ହୋଇ ସବୁଚ୍ଛାଡ଼ି ଧନ ରୋଜଗାରରେ ମନୋନିବେଶ କରେ । ବର୍ଷାଋତୁରେ କୂଳଲଂଘନକାରୀ ନଦୀ ପରି ତା'ର ଧନବୃଦ୍ଧି ଆବଶ୍ୟକ । ଧନରତ୍ନ, ହୀରାନୀଳା, ସୁନାରୁପା, ଜମିବାଡ଼ି ଓ ଗୋରୁଗାଈ ସବୁ କିଛି ଦରକାର । ପାଞ୍ଚପାଞ୍ଚଟା କୋଠା ତିଆରି ଚାଲିଛି । ଏସବୁ ନଶ୍ୱର ଶରୀରର ସୁଖଲାଭ ନିମିତ୍ତ ।

ମଣିଷ ଚିନ୍ତା କରେନି, ମୃତ୍ୟୁ ପରେ ସଂଚିତ ଧନର ଅବସ୍ଥା କ'ଣ ହେବ । ଏ ଜୀବନ ଯେତେବେଳେ ନିଜର ନୁହେଁ କି ଚିରସ୍ଥାୟୀ ନୁହେଁ, ସେତେବେଳେ ଧନକଥା କାହିଁକି ବା ଚିନ୍ତାକରିବା । ଜୀବନ ଚାଲିଯିବ । ଧନ ପଡ଼ିରହିବ । ଏ ସଂସାରକୁ ଯେ ଆସିଛି ସେ ଖାଲିହାତରେ ଆସିଛି ଓ ଖାଲି ହାତରେ ଫେରିଛି । କିଛି ନେଇ ନାହିଁ । ମହାପରାକ୍ରମଶାଳୀ ସମ୍ରାଟ ପୃଥିବୀ ବିଜେତା ଆଲେକ୍‌ଜାଣ୍ଡାରଙ୍କ କଥା ସ୍ମରଣକୁ ଆସେ । ମୃତ୍ୟୁ ପୂର୍ବରୁ ତାଙ୍କର ଉକ୍ତି ଥିଲା ।

"ମଲାବେଳେ ବିଶ୍ୱବିଜୟୀ ସିକନ୍ଦର
କି କହିଥିଲେ ତା' ଚିତ୍ତେ ଥରେ ଧର,
ବୋଇଲେ, ଏ ପ୍ରାଣ ଗଲେ ପିଣ୍ଡ ଛାଡ଼ି,
ନେବ ଯେବେ ମୋତେ କୋକେଇରେ କାଢ଼ି,

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଦେଇଥିବ ତହିଁ ମୋ ଶବ ଶୁଆଇ,
ବେନି ପାଶେ ବେନି କରକୁ ଝୁଲାଇ,
ଯା ଦେଖି ଜାଣିବେ ଜଗତେ ସମସ୍ତେ,
ଆସିଥିଲି ଫେରିଗଲି ଶୂନ୍ୟ ହସ୍ତେ ।"
ଏହି ମହାବାକ୍ୟ ମନେମନେ ହେଜି,
ସତ୍ତ୍ୱଗୁଣ ଭଜ ଲୋଭ ମନ୍ଦ ତେଜି ।

ଜୀବନ ଅସ୍ଥିର । ଧନ ଅସ୍ଥିର । ଏସବୁ ଜାଣି ମଧ୍ୟ ମନୁଷ୍ୟ ପ୍ରଭୁଙ୍କର ଦାସ ନ ହୋଇ ଧନର ଦାସ ହେଉଛି । ଜୀବିତାବସ୍ଥାରେ ହେଉ କି ମରଣ ପରେ ହେଉ ଧନର ଅପବ୍ୟବହାର ସମ୍ଭାବନା ଅଛି । ଚୋରଖଣ୍ଡ ନେଇପାରନ୍ତି ବା ଧନପାଇଁ ଘର ଭିତରେ ମହାଭାରତ ସୃଷ୍ଟି ହୋଇପାରେ । ଧନ ହିଁ ଦୁଃଖର କାରଣ, ଅନର୍ଥର କାରଣ । 'ମୋହମୁଦ୍‌ଗର'ରେ ଶଙ୍କରାଚାର୍ଯ୍ୟଙ୍କ ଉକ୍ତି ପ୍ରଣିଧାନ ଯୋଗ୍ୟ ।

"ଅର୍ଥମନର୍ଥଂ ଭାବୟ ନିତ୍ୟଂ, ନାସ୍ତି ତତଃ ସୁଖଲେଶଃ ସତ୍ୟଂ,
ପୁତ୍ରାଦପି ଧନଭାଜାଂ ଭୀତି, ସର୍ବତ୍ରୈଷା କଥିତା ନୀତିଃ ।"

କବି ଏହି ପ୍ରସଙ୍ଗରେ 'ଗୁରୁଗୋବିନ୍ଦ' ଚିନ୍ତନ ପ୍ରସଙ୍ଗଟି ଉପସ୍ଥାପନ କରିଛନ୍ତି । ଧନମଦମତ୍ତ ମନୁଷ୍ୟ ଗୁରୁଙ୍କୁ ସ୍ମରଣ କରେନି କି ଗୋବିନ୍ଦଙ୍କୁ ଭଜନ କରେନି । ଭାରତୀୟ ବିଚାରଧାରାରେ ଗୁରୁ ହେଉଛନ୍ତି ଗୋବିନ୍ଦ । ଗୋବିନ୍ଦ ହିଁ ଗୁରୁ । ଏହି ମହତୀ ଚିନ୍ତାଧାରାରୁ ଦୂରେଇ ଯାଇ ମଣିଷ କେବଳ ଧନକୁ ଭଜନ କରୁଛି । ଭବସାଗର ତାରଣ ପାଇଁ ଗୁରୁ ଉପଦେଶ ହିଁ ଏକମାତ୍ର ନୌକା । ସଦ୍‌ଗୁରୁଙ୍କର ଆଶ୍ରୟ ନେଲେ ଭବଦୁଃଖ ଦୂର ହୋଇଯାଏ । ଗୁରୁବନ୍ଦନାରେ କୁହାଯାଇଛି,

"ଭବ-ସାଗର-ତାରଣ କାରଣ ହେ
ରବିନନ୍ଦନ-ବନ୍ଧନ ଖଣ୍ଡନ ହେ ।

× × ×

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଜୟ ସଦ୍‌ଗୁରୁ ଈଶ୍ୱର ପାବକ ହେ
ଭବ-ରୋଗ-ବିକାର ବିନାଶକ ହେ ।”

ଆଜିର ମଣିଷ ଗୁରୁଗୋବିନ୍ଦ ସ୍ମରଣରୁ ବଂଚିତ । ଧନ ହିଁ ଏହାର ହେତୁ । ଫଳରେ ଦିନରାତି ଧନଅର୍ଜନର ଚିନ୍ତା ମଣିଷକୁ ପାଗଳ କରିଛି । ମନୁଷ୍ୟ ସ୍ୱୀୟ କର୍ତ୍ତବ୍ୟ ଭୁଲିଛି । ଦେଶ ଆଜି ଦୁର୍ନୀତିର ଗନ୍ତାଘର ହୋଇଛି । ସ୍ଖଳିତ ଚରିତ୍ର ମନୁଷ୍ୟର ସୁଧାର ନିମିତ୍ତ ଗୁରୁଗୋବିନ୍ଦରୂପୀ ମହୌଷଧିର ଆବଶ୍ୟକତା ରହିଛି । ଭକ୍ତିଧନକୁ ଗଣ୍ଠିଳିରେ ବାନ୍ଧିଲେ କାମରେ ଆସିବ ।

ଘର ବୋଲି ଅର୍ଜିଲୁ ଯେତେ ପଦାର୍ଥ
ଘଟ ଛୁଟିଲେ ତୋତେ ବୋଲିବେ ଭୂତରେ ।
ଘରଘରଣୀ ଦେହ କିଳାଉ ଥିବେ
ଘେନି ବନ୍ଧୁ କୁଟୁମ୍ବ ଶୁଦ୍ଧ ହୋଇବେରେ ।

ବ୍ୟକ୍ତି ଜୀବନରେ ‘ଘର’ର ଏକ ବିଶିଷ୍ଟ ଭୂମିକା ରହିଛି । ଘର ବିନା ଲୋକ ଚଳିବା ଅସମ୍ଭବ । କୁଟୀରଠାରୁ ଆରମ୍ଭକରି ବହୁତଳ ପ୍ରାସାଦ ମଣିଷ ତିଆରି କରେ । ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ସହିତ ବହୁ ମୂଲ୍ୟବାନ ଆସବାବପତ୍ର ଘରେ ସାଇତି ରଖେ । ସାଜସଜ୍ଜାରେ ଘରକୁ ସ୍ୱର୍ଗଭୁବନ ପରି କରିଦିଏ । ଘରପ୍ରତି ଏଇ ଆସକ୍ତି ସବୁ ମଣିଷର ଅଛି । ପରିବାର ପାଇଁ ତା’ର ଏସବୁ ଆୟୋଜନ । ପରିବାରରେ ପିତାମାତା, ପତ୍ନୀ, ପୁତ୍ରକନ୍ୟା, ଭାଇଭଉଣୀଙ୍କୁ ନେଇ ବ୍ୟକ୍ତି ସୁଖରେ କାଳକାଟେ । ସ୍ନେହ-ସୌହାର୍ଦ୍ଦ୍ୟରେ ଘର ପୂରିଉଠେ । ଏଇଥିପାଇଁ ତ କବି କହିଲେ –

‘ସରଗ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।’

ଏସବୁ ସ୍ନେହସଂପର୍କ, ଆପଣାର ଭାବ ଅଢ଼େଇ ଦିନର । ଯେଉଁଦିନ ମୃତ୍ୟୁ ଆସି. ପହଞ୍ଚିଯାଏ, ସବୁ ଶେଷ । ସ୍ନେହର ଡୋରି ଛିଣ୍ଡିଯାଏ । ଲୋକାଚାରରେ ଦୁଃଖକାନ୍ଦ ଶୁଭେ । ମୃତକ କିଛି ଜାଣେନି । ଶବ ପଡ଼ିଥାଏ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଭୂତପ୍ରେତର ଆଖ୍ୟା ପାଏ । ପରିବାର ମନରେ ଭୀତି ସଂଚାର ହୁଏ । ପୁଅଝିଅ, ବନ୍ଧୁବାନ୍ଧବ ନିରାପଦ ଦୂରତ୍ୱରେ ରହି କାର୍ଯ୍ୟକରନ୍ତି । ଜନ୍ମଜନ୍ମାନ୍ତର ପାଇଁ ହାତ ଧରିଥିବା ସ୍ତ୍ରୀ ମଧ୍ୟ ପର ହୋଇଯାଏ । ସ୍ୱାମୀର ଭୂତ ଦେହରେ ସବାର ନ ହେବା ପାଇଁ ଗୁଣିଆଦ୍ୱାରା ଶରୀର ବନ୍ଧନ କରେ । ଶୁଦ୍ଧିକ୍ରିୟାରେ ସବୁ ଶେଷ ହୋଇଯାଏ । ଏଇ ହେଉଛି ସଂସାର । ଏଇ ହେଉଛି ପାରିବାରିକ ସଂପର୍କ ଲୋକେ କହନ୍ତି –

"ମିଛ ମାୟା ସଂସାର
କେହି ନୁହେଁ କାହାର ।"

ଆଦି ଶଙ୍କରାଚାର୍ଯ୍ୟ ପଥଭ୍ରଷ୍ଟ, ସଂସାରାସକ୍ତ ମଣିଷକୁ ଚେତାଇଦେବାକୁ ଯାଇ କହିଛନ୍ତି,–

"କାତବ କାନ୍ତା କସ୍ତେ ପୁତ୍ରଃ, ସଂସାରୋଽୟମତୀବ ବିଚିତ୍ରଃ ।
କସୀ ତ୍ୱଂ ବା କୁତ ଆୟାତସ୍ତତ୍ତ୍ୱଂ ଚିନ୍ତୟ ତଦିଦଂ ଭ୍ରାତଃ ।"

ଉଦ୍ଧାର ହେବୁ ଯେବେ ଭବସାଗରୁ
ଉପାୟ କରି ଭଜ ଏବେ ଶ୍ରୀ ଗୁରୁରେ ।
ଉଣା ହେଉଛି ଦିନୁ ଦିନୁ ଆୟୁଷ
ଆଉ ଏଣିକି ଅଛି କେତେ ବୟସରେ ।

ଆହାରବିହାର, ସୁଖସମ୍ଭୋଗରେ କାଳଯାପନ କଲେ ଜନ୍ମର ସାର୍ଥକତା ଆସେନାହିଁ କି ଜୀବନର ଲକ୍ଷ୍ୟ ଚରିତାର୍ଥ ହୁଏ ନାହିଁ । ପରମେଶ୍ୱରଙ୍କର ପରମ ଅବଦାନ ମନୁଷ୍ୟ ପାଇଁ ରହିଛି ପରମ କର୍ତ୍ତବ୍ୟ । ଭୌତିକ ଜୀବନଯାପନ ବ୍ୟତୀତ ଆଉ ଏକ ଜୀବନ ଅଛି । ତାହା ହେଉଛି କଲ୍ୟାଣକର ପାରମାର୍ଥିକ ଜୀବନ; ପାରତ୍ରିକ ଜୀବନ ପାଇଁ ଯାହା ପାଥେୟ । ଐହିକ ଭୋଗବିଳାସରେ ମତୁଆଲା ମନୁଷ୍ୟ ପାରତ୍ରିକ ସୁଖଧନ ଅର୍ଜନ କରିବାରେ ଅସଫଳ ହୁଏ । ଅକର୍ମ, କୁକର୍ମରେ ସେ ବ୍ୟସ୍ତ ରହେ । ଏହାର ଫଳ ଯେ ନିଶ୍ଚିତ ଭୟାନକ ଓ ଭୋଗ୍ୟ । ଜୀବୋଦ୍ଧାର ପାଇଁ ଏହା ପ୍ରତିବନ୍ଧକ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଏ ଇହ ସଂସାର ଏକ ଅଥଳ, ଗଭୀର ସାଗର । କୂଳକିନାରା ପାଉନଥିବା ମଣିଷ ଏଠି ଦୁଃଖତାପଦଗ୍ଧ ଅଶାନ୍ତିର ଉତ୍ତାଳ ତରଙ୍ଗାୟିତ ଜଳରେ ଉବୁଟୁବୁ ହେଉଛି । ଏହି ଭୟଙ୍କର ଭବସିନ୍ଧୁକୁ ପାରିହେବା ସାଧାରଣ ମଣିଷ ପକ୍ଷରେ ସମ୍ଭବ ନୁହେଁ । ତଥାପି ଏଥିପାଇଁ ଯୁଗଯୁଗ ଧରି ମାର୍ଗପ୍ରଦର୍ଶନ କରାଯାଇଛି । ସେହି ମାର୍ଗଟି ହେଉଛି ଗୁରୁ ପଦାଶ୍ରିତ ହେବା । ସଦ୍‌ଗୁରୁଙ୍କର ଶରଣାପନ୍ନ ହୋଇ ତାଙ୍କ ନିର୍ଦ୍ଦେଶିତ ପଥରେ ଚାଲିଲେ ଭବସାଗର ପାର ସୁକର ହୁଏ । ଗୁରୁ ଉପଦେଶ ପାଳନ, ଗୁରୁତତ୍ତ୍ୱ ଚିନ୍ତନ, ଗୁରୁଭଜନ ଏବଂ ଗୁରୁସମର୍ପିତ ପ୍ରାଣଦ୍ୱାରା ଦୁଃଖ ଜର୍ଜରିତ, ଅଶାନ୍ତ ଭବସିନ୍ଧୁରୁ ବ୍ୟକ୍ତି ଉଦ୍ଧାର ପାଇପାରିବ ।

ଜନ୍ମ ମୃତ୍ୟୁକୁ ସାଥିରେ ନେଇ ଆସିଥାଏ । ଜନ୍ମର ଗୋଟିଏ ଦିନ ସରିଗଲେ ଆୟୁଷର ଗୋଟିଏ ଦିନ ଶେଷ ହୋଇଯାଏ । କବିବର ରାଧାନାଥ ରାୟ ଏକ ସୁନ୍ଦର ଉପମା ମାଧ୍ୟମରେ ଆୟୁଷ କ୍ଷୟର ଚିତ୍ର ପ୍ରଦାନ କରିଛନ୍ତି ।

"ଭଗ୍ନଘଟୁ ଆହା ସଲିଳ ଯେସନ
ବହି ଯାଉଅଛି ଆୟୁ ପ୍ରତିକ୍ଷଣ ।"

ଏଣୁ ଅହୋରାତ୍ରରୁ ସାମାନ୍ୟ ସମୟ ଆତ୍ମଚିନ୍ତନ ଓ ପାରମାର୍ମିକ ଚିନ୍ତନରେ ଉପଯୋଗ କଲେ ମହୋପକାରଇ ମିଳିବ । ଏଣୁ 'ବେଳ ଥାଉ ବାଳ ବାନ୍ଧିବା' ନୀତିଟିକୁ ଚେତି ସଦ୍‌ଗୁରୁଙ୍କର ମାର୍ଗୋପଦେଶ ଗ୍ରହଣ କରିବା ଉଚିତ । ନଚେତ୍ ଏ ଭୟଙ୍କର ସଂସାରସିନ୍ଧୁରେ ଜଞ୍ଜାଳଜାଲରେ ବାନ୍ଧିହୋଇ ମାନବମୀନ କାଳ ଧୀବର ଦ୍ୱାରା ଯେ କୌଣସି ମୁହୂର୍ତ୍ତରେ ଧରାହୋଇ ଚାଲିଯିବ । ଏହି ଅବସ୍ଥାର ସୁନ୍ଦର ଚିତ୍ରଟିଏ ଦେବାକୁ ଯାଇ କବି କହିଛନ୍ତି –

"ସଂସାର ସିନ୍ଧୁରୂପେଣ ମତ୍ସ୍ୟ ମାନବାଃ,
ଜଞ୍ଜାଳଜାଲରୂପେଣ କାଳରୂପେଣ ଧୀବରାଃ ।"

ବୟସର ଚାପରେ ମନୁଷ୍ୟର ଆୟୁଷ ଦିନକୁଦିନ କମିଯାଉଛି ଓ ମଣିଷ ମୃତ୍ୟୁର ଦ୍ୱାରଦେଶକୁ ଆଗେଇଯାଉଛି । ଏଣୁ କାଳବିଳମ୍ବ ନ କରି ଗୁରୁଙ୍କର

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ମାର୍ଗଦର୍ଶନ ଗ୍ରହଣ କରିବା ଉଚିତ । ଜୀର୍ଣ୍ଣଶୀର୍ଣ୍ଣ ଶରୀରରେ ସଂସାରସାଗର ପାରିହେବା ପାଇଁ ଆଉ ଶକ୍ତି ସାମର୍ଥ୍ୟ ନଥିବ ।

ଚିତ୍ରପ୍ରତିମା ପ୍ରାୟ ଦିଶୁ ସୁନ୍ଦର
ଚିରି ଭିତର ଦେଖ କି ନାରଖାରରେ ।
ଚର୍ମ ବେଢ଼ିଛି ସିନା ଚଉରାଶିକି
ଚିତ୍ତ ତୁ ଦିଅ ନୀଳଗିରି-ବାସୀଙ୍କି ରେ ।

ଈଶ୍ୱର ସୃଷ୍ଟ ସଂସାର ଅତି ସୁନ୍ଦର । ଏହି ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ମଣିଷ ପାଇଛି ଦୁଇଚକ୍ଷୁ । ଚକ୍ଷୁ ଦର୍ଶନେନ୍ଦ୍ରିୟ । ବ୍ୟକ୍ତି ଏହି ଇନ୍ଦ୍ରିୟ ସାହାଯ୍ୟରେ ସୁନ୍ଦର-ଅସୁନ୍ଦର ବାଛିପାରେ । ସୁନ୍ଦରୀ ଝିଅଟିକୁ ସାକ୍ଷାତ୍ ରତି ବା ସୁନ୍ଦର ପୁଅଟିକୁ ଦେଖି ସାକ୍ଷାତ୍ କନ୍ଦର୍ପ ବୋଲି କହିବାକୁ ପଛାଏ ନାହିଁ । ଶାରୀରିକ ସୌନ୍ଦର୍ଯ୍ୟ ଈଶ୍ୱରଦତ୍ତ । କୃତ୍ରିମ ଉପାୟରେ ଶରୀରକୁ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ମନୁଷ୍ୟ ସତତ ଚେଷ୍ଟିତ । ବେଶପୋଷାକ, ନାନା ପ୍ରସାଧନ ଦ୍ରବ୍ୟ ମାଧ୍ୟମରେ ଦୈହିକ ସୌନ୍ଦର୍ଯ୍ୟ ବୃଦ୍ଧିପାଏ । ବର୍ତ୍ତମାନ ଯୁଗରେ ପ୍ଲାଷ୍ଟିକ ସର୍ଜରି ମାଧ୍ୟମରେ ଅସୁନ୍ଦର ଚେହେରାକୁ ମଧ୍ୟ ସୁନ୍ଦର କରାଯାଇପାରୁଛି । ଶରୀରକୁ ଛବି ବା ମୂର୍ତ୍ତିଟିଏ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏସବୁ କେବଳ ବାହ୍ୟ ସୌନ୍ଦର୍ଯ୍ୟ ମାତ୍ର । ବାହ୍ୟ ସୌନ୍ଦର୍ଯ୍ୟର ବୃଦ୍ଧିପାଇଁ ମନୁଷ୍ୟ ଆଜି ପାଗଳ । ନିଜକୁ ଛବିଟିଏ ବା ମୂର୍ତ୍ତିଟିଏ ପରି ଗଢ଼ିବା ପାଇଁ ଅକ୍ଲାନ୍ତ ଉଦ୍ୟମରତ । ବାହ୍ୟ ସୌନ୍ଦର୍ଯ୍ୟ ପ୍ରଦର୍ଶନ ପାଇଁ ଆଜି ପୃଥିବୀର ବିଭିନ୍ନ ଦେଶରେ ସୁନ୍ଦରୀ ପ୍ରତିଯୋଗିତାମାନ ଆୟୋଜିତ ହେଉଛି । ବ୍ରାହ୍ମଣସୁନ୍ଦରୀ ମୁକୁଟ ପରିଧାନ କରୁଥିବା ନାରୀଟି ଉତ୍‌ଫୁଲ୍ଲ ହେଉଛି; ଗର୍ବ ମଧ୍ୟ ଅନୁଭବ କରୁଛି । ସଂପୃକ୍ତ ଦେଶ ଆନ୍ତର୍ଜାତିକ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିବା କୁହାଯାଉଛି । ଏଭଳି କାର୍ଯ୍ୟକ୍ରମର ଔଚିତ୍ୟ ଓ ସ୍ପୃହଣୀୟତା ବିଚାର୍ଯ୍ୟ ।

ଆଜିର ସମାଜରେ ମଣିଷର ରହିଛି ଦେହାଭିମାନ । ରକ୍ତ-ମାଂସ-ମେଦ-ମଜ୍ଜାରେ ଗଠିତ ଶରୀର ପାଇଁ ସେ ଅଧିକ ଯତ୍ନବାନ୍ । ମାତ୍ର ଏ ଶରୀର

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଚର୍ମଦ୍ୱାରା ଆଚ୍ଛାଦିତ । ଏହା ନଶ୍ୱର । ନଶ୍ୱର ଶରୀରରେ ଶାଶ୍ୱତ ସୌନ୍ଦର୍ଯ୍ୟର ଅଭିବୃଦ୍ଧି ପାଇଁ ଚେଷ୍ଟିତ ଲୋକଙ୍କ ସଂଖ୍ୟା କମ୍ । ଉପର ଚମ ଢାଙ୍କୁଣି ଖୋଲିଗଲେ ଭିତରର ରକ୍ତମାଂସ ନେତ୍ର ତୃପ୍ତିଦାୟକ ନୁହେଁ ବରଂ ଘୃଣାଭାବ ଉଦ୍ରେକ କରେ । ଅଗ୍ନିଦଗ୍ଧ ଶରୀର ଦର୍ଶକର ମନରେ ଭାବାନ୍ତର ସୃଷ୍ଟିକରେ । କ୍ଷତବିକ୍ଷତ ଶରୀର ଦେଖିବା ପରେ ମନୁଷ୍ୟର ମନ ଚିରନ୍ତନ ସୌନ୍ଦର୍ଯ୍ୟ ପ୍ରତି ପ୍ରଧାବିତ ହୁଏ । ତେଣୁ ଶାରୀରିକ ଆସକ୍ତି ତ୍ୟାଗକରି ଆତ୍ମିକ ଉନ୍ନତି ପ୍ରତି ମନଦେବା ଉଚିତ । ନଚେତ୍ ଜନ୍ମ ପରେ ଜନ୍ମ ବିତିଯିବ, ମୁକ୍ତିର ଦ୍ୱାର ଉନ୍ମୁକ୍ତ ହେବ ନାହିଁ । ଚଉରାଶି ଜନ୍ମର ଯନ୍ତ୍ରଣା ଭୋଗ କରିବାକୁ ପଡ଼ିବ । ମାତୃଗର୍ଭରେ ଥରକୁ ଥର ଜନ୍ମ ନେଇ ଭବଯାତନା ସହ୍ୟ କରିବା ସାର ହେବ । ଏଣୁ ବୈଷ୍ଣବ କବି ଭକ୍ତ ଚରଣ ଜନ୍ମଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ କଳିକଳୁଷହାରୀ, ନୀଳଗିରି ନାଥ ଶ୍ରୀ ଜଗନ୍ନାଥଙ୍କଠାରେ ମନପ୍ରାଣକୁ ଅର୍ପଣ କରିବା ନିମିତ୍ତ ମାନବକୁ ଉପଦେଶ ପ୍ରଦାନ କରିଛନ୍ତି । ତାଙ୍କରି ଠାରେ ନିଜକୁ ହଜାଇ ଦେଲେ ଜନ୍ମଜନ୍ମାନ୍ତରର ଦୁଃଖ ଦୂର ହୋଇଯାଏ । ଭକ୍ତ ଗାଇଉଠେ–

"ଆହେ ନୀଳଶଇଳ ପ୍ରବଳ ମଉବାରଣ
ମୋ ଆରତ ନଳିନୀବନକୁ ଜର ଦଳନ ।"

ଭକ୍ତିକବି ଦୀନକୃଷ୍ଣ ମଧ୍ୟ ସନ୍ତାପିତ ମନକୁ ଶୁଣାଇଛନ୍ତି –

"ଭଜମନ କଳାକହ୍ନେଇ, ଭଜିଲେ ତୋ ଦୁଃଖ ରହିବ ନାହିଁ ।"
ଛାର ଦେହକୁ ମନ କରିଛୁ ସଜ
ଛନ୍ଦକପଟ ତେଜି ଗୋବିନ୍ଦଭଜରେ ।
ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା
ଛ' ଖଣ୍ଡ କାଠ ତୋତେ ହୋଇବ ଲୋଡ଼ା ରେ ।

ବ୍ୟକ୍ତି ଚରିତ୍ରକୁ ବିଶ୍ଳେଷଣ କରିବାକୁ ଭକ୍ତଚରଣ ଥିଲେ ସିଦ୍ଧହସ୍ତ । କବିଙ୍କ ଦୃଷ୍ଟିରେ ପ୍ରତ୍ୟେକ ବ୍ୟକ୍ତି ଦେହସର୍ବସ୍ୱ । ଦୈହିକ ସୁଖଭୋଗ ପାଇଁ ସମସ୍ତେ ଲାଳାୟିତ । ଦେହ ବାହାରେ ଅନ୍ୟ କିଛି ଅଛି ଜାଣିବାର ଅବକାଶ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ନ ଥାଏ ଶରୀରସର୍ବସ୍ୱ ମଣିଷମାନଙ୍କର । ସେଥିପାଇଁ ମଧ୍ୟ ସେମାନେ ତତ୍ପର ନୁହନ୍ତି । କପଟାଚରଣ ତା'ର ନିତିଦିନର ବ୍ୟାପାର । ଆଜିର ମଣିଷ ପାଖରେ ଅଛି ଦୁଇଟି ରୂପ । ଗୋଟିଏ ଛାପଚିକ୍କଣିଆ, ଆକର୍ଷଣୀୟ, ଲୋକଦେଖାଣିଆ ଚେହେରା । ବାହାରକୁ ଭଦ୍ର, ନିରୀହ ଦିଶୁଥିବା ମଣିଷଟି ପ୍ରକୃତରେ ସେୟା ନୁହେଁ । ତା' ଭିତରେ ରହିଛି ଅସଲ ସୈତାନି । ଈର୍ଷା, ହିଂସାର ସେ ଏକ ବାରୁଦଗଦା । ଅପରର କ୍ଷତିସାଧନରେ ହିଁ ତା'ର ଆନନ୍ଦ । ସେ ଜାଣିପାରେନି, ମାୟାମରୀଚିକାର ଆବର୍ତ୍ତ ମଧ୍ୟରେ ସେ ଘୂରି ବୁଲୁଛି । ଅନ୍ୟକୁ ଯେତିକି ଦୁଃଖ ଦେଉନି, ତା'ଠାରୁ ଅଧିକ ଦୁଃଖ ସେ ପାଉଛି । ଏଣୁ କବି ଆବେଗଭରା କଣ୍ଠରେ ଛନ୍ଦ, କପଟଚାରିତା ଛାଡ଼ିବା ପାଇଁ ପରାମର୍ଶ ଦେଇଛନ୍ତି । ପୁଣି ମୁକ୍ତିର ମାର୍ଗଦର୍ଶନ କରାଇବାକୁ ଯାଇ କବି ଗୋବିନ୍ଦଭଜନ କରିବାକୁ ଆହ୍ୱାନ କରିଛନ୍ତି । ଶଙ୍କରାଚାର୍ଯ୍ୟ ବି ସେଇକଥା କହିଛନ୍ତି –

"ଭଜ ଗୋବିନ୍ଦଂ ସ୍ମର ଗୋବିନ୍ଦଂ ଗୋବିନ୍ଦଂ ଭଜ
ମୂଢ଼ମତେ... ।"

ସୁତରାଂ ତୁଚ୍ଛ, ନଶ୍ୱର ଶରୀର ପ୍ରତି ବହ୍ୱାସକ୍ତି ଅଯଥାର୍ଥ ।

ମୃତ୍ୟୁ ପରେ ଲୋକର ଶରୀର ହୁଏ ଶବ ବା ମଡ଼ା । ଶବକୁ ଛୁଇଁଲେ ଛୁଆଁ ହେବାକୁ ହୁଏ । ଏହି କାରଣରୁ ଲୋକେ ମଡ଼ାଠାଂରୁ ଦୂରେଇ ରହନ୍ତି । ଜୀବିତାବସ୍ଥାରେ ପରିବାର, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ କେତେ ଆପଣାର ନଥିଲେ । ହସଖୁସି, ଉଠାବସା, ଭୋଜିଭାତରେ ଘଣ୍ଟା ଘଣ୍ଟା ସମୟ ଅତିବାହିତ ହୋଇଛି । ସୁଖଦୁଃଖରେ ସାଥୀ ହୋଇଥିବା ମିତ୍ରମାନେ ଆଜି ପର ହୋଇଯାଇଛନ୍ତି । ମୁର୍ଦ୍ଦାର ଛୁଆଁ ହେବାକୁ କିଏ ବା କାହିଁକି ପାଖକୁ ଯିବ ? ଏଇତ ଜୀବନ ! ମୃତ୍ୟୁ ଘରେ ସବୁ ଓଲଟିଯାଏ ।

ଶବ ସଂସ୍କାର ପାଇଁ ଆୟୋଜନ ହୁଏ । ଗାଁରୁ ମାଲଭାଇ ଉପସ୍ଥିତ ହୁଅନ୍ତି । ଛ'ଖଣ୍ଡ କାଠରେ ଶବସବାରି ତିଆରି ହୋଇଯାଏ । ନିର୍ଜୀବ ଦେହକୁ କୋକେଇରେ ଶୁଆଇ 'ରାମ ନାମ ସତ୍ୟ', 'ହିର ନାମ ସତ୍ୟ' ଉଚ୍ଚାରଣ କରି

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଶ୍ମଶାନକୁ ନିଆଯାଏ । ସେହି ମଶାଣି ଭୂଇଁ ହୁଏ ଦେହକୁ ଅତିଶୟ ଭଲପାଉଥିବା ମଣିଷର ଅନ୍ତିମ ସ୍ଥଳ ।

ଯମ ଯେ ନ ଜାଣଇ ବାଲୁତ ଯୁବା
ଜୀଇବୁ ବୋଲି ମନେ କରିଛୁ ଅବାରେ ।
ଜଣେହେଁ ଏଥୁଁ କେହି ନାହିଁ ଅମର
ଜଗନ୍ନାଥଙ୍କୁ ଭଜ ହେବୁ ଅମରରେ ।

ମୃତ୍ୟୁର ଅଧିପତି ଯମ । ଆମର ପୁରାଣଶାସ୍ତ୍ରରେ ତାଙ୍କୁ ମୃତ୍ୟୁର ଦେବତା ରୂପେ ବର୍ଣ୍ଣନା କରାଯାଇଛି । ସେ କାଳ । ପ୍ରତ୍ୟେକ ପ୍ରାଣୀର କାଳର ପରିସମାପ୍ତି ଘୋଷଣା କରନ୍ତି ସେ । ପ୍ରାଣୀର ଜୀବନକାଳ ବା ଆୟୁଷ ନିର୍ଦ୍ଦିଷ୍ଟ । ମୃତ୍ୟୁପରେ ପ୍ରାଣୀକୁ ଯମପୁର ଯିବାକୁ ହୁଏ । ପ୍ରତ୍ୟେକ ଜୀବ ମରଣାଧୀନ । ମରଣ ନିକଟରେ ପିଲା, ବୁଢ଼ା, ଯୁବକଯୁବତୀର ବିଚାର ନଥାଏ । ସେ ମା' କୋଳରୁ ଛୁଆକୁ ଛଡ଼ାଇନିଏ । ଯୁବତୀ ନିକଟରୁ ଯୁବକ ଚାଲିଯାଏ । ଏହାହିଁ ହେଉଛି ଯମଙ୍କର ବୈଶିଷ୍ଟ୍ୟ । କାରଣ ସେ ଧର୍ମ ଓ ନ୍ୟାୟର ଦେବତା । ମାତ୍ର ଅଜ୍ଞାନ, ମୋହମୁଗ୍ଧ ମଣିଷ ମୃତ୍ୟୁପାଇଁ ଯମକୁ ଦୋଷ ଦିଅନ୍ତି । ନିରପେକ୍ଷତା ହିଁ ଯମଙ୍କର ମହତ୍ତ୍ୱ । ଦୈବଜ୍ଞ ବିପ୍ର 'ଟୀକା ଗୋବିନ୍ଦଚନ୍ଦ୍ର' ପୁସ୍ତକରେ ଏହାର ଏକ ଭବ୍ୟ ବର୍ଣ୍ଣନା ଦେଇଛନ୍ତି -

"ସେହି କାଳଯମ ବଡ଼ ଦାରୁଣରେ ନ ଜାଣଇ ଦୁଃଖସୁଖ
ବାଛି ନେବ କଞ୍ଚା ରଖିବ ପାଚିଲା ଦେବଟି ଦାରୁଣ ଦୁଃଖ ।"

ମଣିଷ ମରଣଶୀଳ । ଅହରହ ମରଣର ଛବି ତା'ର ଦୃଷ୍ଟିଗୋଚର ହେଲେ ସୁଦ୍ଧା ସେ ଚିରଦିନ ବଞ୍ଚି ରହିବାର ଆଶା ପୋଷଣ କରୁଛି । ଅମର ହେବାର ଅହେତୁକ ଲାଳସାରେ ଉନ୍ମାଦିତ । ମାତ୍ର ମୃତ୍ୟୁର କବଳରୁ କାହାର ପରିତ୍ରାଣ ନାହିଁ । ଏ ପରିପ୍ରେକ୍ଷୀରେ ଏକ ସଂସ୍କୃତ ଦୃଷ୍ଟାନ୍ତର ଉପସ୍ଥାପନା ସମୀଚୀନ ମନେହୁଏ ।

"ରାମେ ପ୍ରବ୍ରଜନଂ ବଲେର୍ନିୟମନଂ ପାଣ୍ଡୋସୁତାନାଂ ବନମ୍
ବୃଷ୍ଣିନାଂ ନିଧନଂ ନଳସ୍ୟନୃପତେଃ ରାଜ୍ୟାତ୍ ପରିଭ୍ରଂଶନମ୍

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

କାରାଗାର ନିଷେବଣଂ ଚ ମରଣଂ ସଂଚିତ୍ୟ ଲଙ୍କେଶ୍ୱରେ
ସର୍ବଃ କାଳେନ ନଶ୍ୟତି ନରଃ ଜୋଃବା ପରିତ୍ରାୟତେ ।"

ମରଣଶୀଳ ମର୍ତ୍ତ୍ୟରେ ମୃତ୍ୟୁ ତ ସୁନିଶ୍ଚିତ । ତେବେ ମରି ଅମର ହେବା ଆଉ ଗୋଟିଏ କଥା । ଭଲ କାମ ଯେ କରେ ସେ ଅମର । ଲୋକେ ମୃତ୍ୟୁ ପରେ ତାକୁ ମନେ ରଖିଥାନ୍ତି । ଭଲ କାମ କରିବାର ବାଟ ଅନେକ । ତନ୍ମଧ୍ୟରୁ ଆତ୍ମୋଦ୍ଧାର ପାଇଁ ଜଗନ୍ନାଥ ଭଜନକୀର୍ତ୍ତନ ଅନ୍ୟତମ । ପରମେଶ୍ୱର ଜଗନ୍ନାଥ ପ୍ରାଣୀର ସ୍ରଷ୍ଟା ଓ ଜୀବନ-ଦାତା, ତାଙ୍କରି କୃପାଲାଭ ପାଇଁ କର୍ମମୟ ଜୀବନରେ ତାଙ୍କରି ଭାବରେ ନିଜକୁ ସମର୍ପି ଦେବା ଉଚିତ । ଜଗନ୍ନାଥୈକପ୍ରାଣତାରେ ହିଁ ମୁକ୍ତି ଦ୍ୱାର ଖୋଲିଯାଏ ।

ଝୋଲା କନ୍ଥା ପାଛୋଡ଼ା ପିନ୍ଧାକୁ ରସୁ
ଝଡ଼ ସଂସାରେ ମନ ନ ବୁଝି ପଶୁରେ ।
ଝୁଣ୍ଟି ପଡ଼ିଲେ ଉଠି ପାରିବୁ ନାହିଁ
ଝଡ଼ିଲା ପତ୍ର ବୃକ୍ଷେ ଲାଗିଛି କାହିଁରେ ।

ମନୁଷ୍ୟ ଅହରହ ସୁଖାଭିଳାଷୀ । ଭଲ ଖାଇବା, ପିଇବା ଓ ପିନ୍ଧିବା ପାଇଁ ସେ ବ୍ୟାକୁଳ । ଏଥିପାଇଁ ସେ ବହୁ ଆୟାସ କରେ । ସଂସାରୀ ମଣିଷ ଦୃଷ୍ଟିରେ ମୂଲ୍ୟବାନ୍ ପୋଷାକପତ୍ର ହିଁ ତା'ର ମହତ୍ତ୍ୱର ପରିଚୟ । ଏହା ଭଦ୍ରତାର ମାପକାଠି । କୁହାଯାଏ, 'ସଭା ବସ୍ତ୍ରବତା ଜିତା ।' ପୁଣି 'ଭେକ ଦେଖି ଭିକ' ଜନୋକ୍ତି ଆମର ଅତି ପରିଚିତ । ଏହି ଭାବନାରେ ଅନ୍ଧୀଭୂତ ମନୁଷ୍ୟ ମହାର୍ଘ ପୋଷାକପରିଚ୍ଛଦ ପ୍ରତି ଲାଳାୟିତ ହୋଇଥାଏ । ଅଜ୍ଞାନତାର ପରଳରେ ତା'ର ଆଖି ଅନ୍ଧ । ଅସାର, ଅଚିର ପୋଷାକପରିଚ୍ଛଦରେ ଅତ୍ୟଧିକ ଆସକ୍ତି ପ୍ରକାଶ କରିବା ଅଜ୍ଞତା । ବସନ ଜୀର୍ଣ୍ଣ ହୁଏ । ଭଦ୍ରତାର ଖୋଳ ପୋଷାକ ଛିନ୍ଥାକନାରେ ପରିଣତ ହୁଏ । ସେଥିରେ ପୁଣି ତିଆରି ହୁଏ କନ୍ଥା । ସେହି କନ୍ଥା ହୁଏ ସୁଖର ଶଯ୍ୟା । ସେ ମଧ୍ୟ ଦିନେ ଜୀର୍ଣ୍ଣ ହେବ । ଉତ୍ତରୀୟ ଭାବେ ବ୍ୟବହାର କରୁଥିବା ଦୋସଡ଼ା ଖଣ୍ଡିକ ଚିରି ମାଟିରେ ମିଶିଯିବ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ପାର୍ଥିବ ବସ୍ତୁପ୍ରତି ଆତ୍ୟନ୍ତିକ ଆସକ୍ତି ଦୁଃଖର କାରଣ । ଏ ସଂସାରରେ ଅହରହ ଦୁଃଖକଷ୍ଟ ଅଶାନ୍ତିର ଝଡ଼ ବହୁଛି । ଏଥିରୁ ମୁକ୍ତି ପାଇବାର ବାଟ ନ ଦେଖି ମଣିଷ ଅଗ୍ନି ପ୍ରତି ପତଙ୍ଗ ଅଗ୍ରସର ହେଲାପରି ଦୁଃଖର ବାତାବର୍ତ୍ତ ମଧ୍ୟକୁ ଧସେଇ ପଶୁଛି । ଆନନ୍ଦ ଉଭେଇ ଯାଉଛି । ବାଟବଣା ମଣିଷଟି ହାହୁତାଶ ମଧ୍ୟରେ ଜାଣିଶୁଣି କାଳ କାଟୁଛି ।

ଜୀବନର ଚଲାପଥ ସରଳ ନୁହେଁ, ନାନା ଖାଲଖମା, ପ୍ରତିବନ୍ଧକରେ ପରିପୂର୍ଣ୍ଣ । ଲକ୍ଷ୍ୟଭ୍ରଷ୍ଟ, ଦୁଃଖଦୈନ୍ୟ-ଜଞ୍ଜାଳଭାରାକ୍ରାନ୍ତ ମଣିଷ ସଂସାରର ଏହି ପିଚ୍ଛିଳ ପଥରେ ଚାଲୁଚାଲୁ ଝୁଣ୍ଟିପଡ଼ିବାର ବହୁ ସମ୍ଭାବନା ଅଛି । ଯେ ଝୁଣ୍ଟିପଡ଼େ ଅର୍ଥାତ୍ ମରଣ ଆସିଲେ ସେ ସବୁଦିନ ପାଇଁ ଭୂତଳଶାୟୀ ହୋଇଯାଏ । ଆଉ ସିଧା ଭାବରେ ଠିଆହେବାର 'ଜୁ' ତା'ର ନଥାଏ । ସଂସାରରୁ ବିଦାୟ ନିଏ । କବି ଏହାକୁ ଏକ ସୁନ୍ଦର ଉପମା ଦେଇ ପରିପ୍ରକାଶ କରିଛନ୍ତି । ଶାଖାପ୍ରଶାଖା ବିଶିଷ୍ଟ ବୃକ୍ଷ ଅସଂଖ୍ୟ ପତ୍ରରେ ପରିପୂର୍ଣ୍ଣ । ଯେଉଁ ପତ୍ରଗୁଡ଼ିକର ପରିପୂର୍ଣ୍ଣତା ବା ପକ୍ୱତା ଆସିଯାଏ, ସେଗୁଡ଼ିକ ବୃକ୍ଷଚ୍ୟୁତ ହୋଇ ଭୂତଳଶାୟୀ ହୁଅନ୍ତି । ଝଡ଼ିଲା ପତ୍ର ତଳୁ ଯାଇ ଗଛରେ ପୂର୍ବ ସ୍ଥାନରେ କେବେ ଲାଗିପାରେ ନାହିଁ । ଏହି ସତ୍ୟ ହିଁ ମନୁଷ୍ୟଜୀବନରେ ପ୍ରତିଫଳିତ । ସୁତରାଂ 'ହାତେ ମାପି ଚାଖଣ୍ଡେ ଚାଲିବା' ଉଚିତ । ନଚେତ୍ ପ୍ରତି ପଦକ୍ଷେପରେ ବିପଦ-ଆପଦର ସମ୍ଭାବନା ଅଛି । ଏଣୁ ମନକୁ ସଂଯତ କରି ଧର୍ମମାର୍ଗରେ ଗତି କରିବା ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ ।

ନିଶି ଦିବସେ ଥୟ ନୋହୁନା ମନ
ନିଦ୍ରାରେ ଦେଖୁଅଛୁ ଯଥା ସ୍ୱପନରେ ।
ନ ଯିବେ ସଙ୍ଗେ କେହି ଯିବୁ ତୁ ଏକା
ନାମ ମାତ୍ର ଅଟଇ ପଥକୁ ସଖାରେ ।

ମନୁଷ୍ୟ ନିକଟରେ ଥିବା 'ମନ' ନାମକ ଉପାଦାନଟି ଅତି ବିଚିତ୍ର । ଏହାର ସ୍ୱରୂପ ଓ ରହସ୍ୟ ଭେଦ କରିବା ସହଜସାଧ୍ୟ ନୁହେଁ । କାରଣ ଏହା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଅସ୍ଥିର, ଚଞ୍ଚଳ ଓ ଅଚିନ୍ତନୀୟ ଗତିଶୀଳ । କାଳଚକ୍ରରେ ଦିନରାତିର ଅହରହ ପରିବର୍ତ୍ତନ ପରି ମନ ପ୍ରତି ମୁହୂର୍ତ୍ତରେ ବିଭିନ୍ନ ଭାବନାରେ ଲିପ୍ତ ରହେ । ବିଶେଷତଃ ଭୌତିକ ସଂସାରର ଆକର୍ଷଣ ମନକୁ ବିକ୍ଷିପ୍ତ କରେ । ଶଯନାବସ୍ଥାରେ ମନୁଷ୍ୟ ସ୍ୱପ୍ନ ଦେଖେ । ଗୋଟିଏ ପରେ ଗୋଟିଏ ସ୍ୱପ୍ନ ମନୋରାଜ୍ୟରେ ଦେଖାଦେଇ ଅଦୃଶ୍ୟ ହୋଇଯାଏ । ସ୍ୱପ୍ନ ଯେପରି ସ୍ଥାୟୀ ହୋଇ ରହେନାହିଁ, ମନ ସେହିପରି ଏକ ସ୍ଥିର ଅବସ୍ଥାରେ ରହେ ନାହିଁ । ଏହି ଅସ୍ଥିର ମନକୁ ସ୍ଥିର କରିବାପାଇଁ ମୁନିଋଷିଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣୀୟ । ମନର ସଂଯମତା, ସୁସ୍ଥିରତା ଉପରେ କବି ଭକ୍ତଚରଣ ପ୍ରାଧାନ୍ୟ ଦେଇଛନ୍ତି ।

କାରଣ ନଶ୍ୱର ସଂସାରରେ ବିଭୁନାମ ଚିନ୍ତନ ଏକମାତ୍ର ପାଥେୟ । ଏହାର ସୁଦୂରପ୍ରସାରୀ ପ୍ରଭାବ ରହିଛି । ମୃତ୍ୟୁଚେତନା ସଂପର୍କରେ ସଚେତନ କରାଇବାକୁ ଯାଇ କବି ଈଶ୍ୱର ନାମ ସ୍ମରଣ, ଚିନ୍ତନ, କୀର୍ତ୍ତନଦ୍ୱାରା ମନୁଷ୍ୟକୁ ଐହିକ ସଂସାରର ଦୁଃଖ ସଂତାପରୁ ମୁକ୍ତି ପାଇବାର ପନ୍ଥା ନିର୍ଦ୍ଦେଶ କରିଛନ୍ତି ।

ମନୁଷ୍ୟ ଶିଶୁ ମାତୃଗର୍ଭରୁ ଏକାକୀ ଭୂମିଷ୍ଠ ହୁଏ । ସମୟକ୍ରମେ ବାଲ୍ୟ, କୈଶୋର, ଯୌବନ, ପ୍ରୌଢ଼ତ୍ୱ ଓ ବାର୍ଦ୍ଧକ୍ୟରେ ଉପନୀତ ହୋଇ ସମୟର ଆହ୍ୱାନରେ ଧରାଧାମରୁ ବିଦାୟ ନିଏ । ଜନ୍ମ-ମୃତ୍ୟୁର ଏହି ନିଚ୍ଛକ ସତ୍ୟରେ ମଣିଷ ଆବଦ୍ଧ । ମୃତ୍ୟୁ ଆସି ପହଞ୍ଚିଗଲେ ଜୀବାତ୍ମା ଦେହ ଛାଡ଼ି ଚାଲିଯାଏ । ନିଜର କରିଥିବା ପରିବାର, ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବଙ୍କ ମଧ୍ୟରୁ ଜଣେ ବି କେହି ସହମୃତ୍ୟୁ ବରଣ କରିବାକୁ ଆଗଭର ହୁଅନ୍ତି ନାହିଁ । ସ୍ତ୍ରୀ ଘରର ଦ୍ୱାରବନ୍ଧରେ ବାନ୍ଧିହୋଇ ରହିଯାଏ । କିଛି ଲୋକ କିଛି ବାଟ ଶବର ଅନୁସରଣ କରନ୍ତି । ମାଲଭାଇ ଶବସଂସ୍କାର କରି ଫେରନ୍ତି । ପାରଲୌକିକ ସୁଖଶାନ୍ତି ବିଧାନପାଇଁ ସଂଚିତ, ଅର୍ଜିତ ଧନସଂପତ୍ତିରୁ କେହି କିଛି ନେଇ ଯାଏ ନାହିଁ । ଯାଏ କେବଳ ଧର୍ମ । କବିଙ୍କର କଥା ମନେପଡ଼େ –

"ଆରେ ବାଇମନ, ନାମ ବ୍ରହ୍ମରେ ଦିଅ ଧିଆନ
ପଥକୁ ସେ ସାଥି ଦେବ ଗତି ମୁକ୍ତି
ନାମ ଧରମ ଏକା କାରଣ ।"

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଈଶ୍ୱରଭକ୍ତି ମୃତ୍ୟୁପରର ସହଯାତ୍ରୀ ହୁଏ । ନବଧା ଭକ୍ତି ମଧ୍ୟରୁ ଈଶ୍ୱର ନାମସ୍ମରଣ ଅନ୍ୟତମ ।

ପରମେଶ୍ୱରଙ୍କ ନାମସ୍ମରଣରେ ପାପୀର ପାପ ଦୂର ହୋଇଯାଏ । ଯାବତୀୟ ଦୁଃଖଦୁର୍ଗତିର ଅନ୍ତ ଘଟେ । ପ୍ରଭୁ ଚରାଚର ଚିନ୍ତାମଣି, ଅନ୍ତର୍ଯ୍ୟାମୀ । ଭକ୍ତିର ସହିତ ପ୍ରାଣଭରି ଥରୁଟିଏ ଡାକିଲେ ସେ ପାଶରେ ଉଭା ହୁଅନ୍ତି । ବିପନ୍ନର ଦୁଃଖପଦ୍ମବନକୁ ଧ୍ୱଂସ କରିବା ପାଇଁ ସେ ମତ୍ତହସ୍ତୀ । କେବଳ ମଣିଷ ଭକ୍ତ ନୁହନ୍ତି, ମନୁଷ୍ୟେତର ଭକ୍ତ ପ୍ରାଣୀଙ୍କର ସେ ଠାକୁର । ମୃଗୁଣୀ, ଗଜ, ଭରତିଆ ପକ୍ଷୀ ନାମ ସ୍ମରଣ କରି କରୁଣାକଣିକା ପାଇଛନ୍ତି । କବି ସାଲବେଗ ମନେ ପକାଇ ଦିଅନ୍ତି –

'ଘୋରବନେ ମୃଗୁଣୀକୁ ପଡ଼ିଥିଲା କଷଣ
ଏତେବଡ଼ ବିପତ୍ତିରୁ ଉଦ୍ଧାରିଲେ ଆପଣ,
ଗଜରାଜ ଡାକଦେଲା ଥାଇ ଘୋର ଜଳେଣ
ଚକ୍ର ପେଶି ନକ୍ର ନାଶି ଉଦ୍ଧରିଲେ ଆପଣ ।'

ମହାପାପୀ ଅଜାମିଳ ମରଣ ସମୟରେ ନାରାୟଣଙ୍କ ନାମ ସ୍ମରଣ କରି ମୁକ୍ତି ପାଇଥିବା କଥା ଆମେ ଜାଣୁ । କୁହାଯାଇଛି –

"ଅଜାମିଳ ଭଳି ସେ ମହାପାପୀ
ତରିଗଲା ତୁମ ନାମକୁ ଜପି ।"

ଏଣୁ ଜୀବନକାଳରେ ପ୍ରତ୍ୟହ କିଛି ସମୟ ପ୍ରଭୁଙ୍କ ନାମସ୍ମରଣ ଏକାନ୍ତ କର୍ତ୍ତବ୍ୟ । ଭକ୍ତିଭାବାପନ୍ନ ବ୍ୟକ୍ତି ବିପଥଗାମୀ ହୁଏ ନାହିଁ । ତା'ପାଇଁ ମୁକ୍ତିରଦ୍ୱାର ସର୍ବଦା ଉନ୍ମୁକ୍ତ ।

ଟାଣ କରିଛୁ ମନ ସବୁ ମୋହରି
ଟଳି ପଡ଼ିଲେ କେହି ନୋହେ କାହାରି ।
ଟେରା ଭିତରେ ଯେହ୍ନେ ଅପୂର୍ବ ନାରୀ
ଟୋପଚଉଁରା ଅଛି ତୋ ଦେହେ ପରିରେ ।

ମନୁଷ୍ୟ ମନର ରହସ୍ୟକୁ ଭେଦ କରିବା ଦୁରୁହ ବ୍ୟାପାର । କେତେବେଳେ ଦୁଃଖରେ ସେ ଭାଙ୍ଗିପଡ଼େ ତ କେତେବେଳେ ସୁଖରେ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଉତ୍‌ଫୁଲ୍ଲ ହୋଇଉଠେ । ଗର୍ବ, ଅହଙ୍କାର ତା'ର ବଢ଼ି ବଢ଼ି ଚାଲେ । ଧନ-ସଂପତ୍ତିର ପ୍ରାଚୁର୍ଯ୍ୟ, ପଦପଦବୀର ଶକ୍ତିସାମର୍ଥ୍ୟରେ ସେ ବଳୀୟାନ୍ ହୋଇ ଅନ୍ୟକୁ ହେୟ ମନେକରେ । ଅନ୍ୟର କ୍ଷତିସାଧନରେ ପାଏ ପରମ ଆନନ୍ଦ । ଏହାର ମୂଳ କାରଣ ହେଉଛି ଅହଙ୍କାର । ଏହି ଅହଙ୍କାରଟି ମନୁଷ୍ୟର ଟାଣପଣ । ମୋର ଘରଦ୍ୱାର, ଭୂସଂପତ୍ତି, ସଂଚିତ ଅର୍ଥ, ପରିବାର ପ୍ରଭୃତିରେ ସେ ମତୁଆଲା । ସବୁ ଦିଗରୁ ନିଜକୁ ଶକ୍ତିଶାଳୀ, ଅଜେୟ ମନେକରୁଥିବା ମନୁଷ୍ୟ ଦୂରଦୃଷ୍ଟି-ସଂପନ୍ନ ନୁହେଁ । ସଂସାରର ନଶ୍ୱରତା ପ୍ରତି ସେ ଅନଭିଜ୍ଞ ଓ ଅସଚେତନ । ମୋହମାୟାଗ୍ରସ୍ତ ମନୁଷ୍ୟ ଦେହକାରାରେ ଆବଦ୍ଧ । ଫଳତଃ ତା'ର ଦିବ୍ୟଜ୍ଞାନ, ଆଧ୍ୟାତ୍ମଭାବ ଓ ବିବେକର ଉଦୟ ହୁଏ ନାହିଁ । ତେଣୁ ଜୀବନର ଅନ୍ତିମ ପରିଣତି ସଂପର୍କରେ ଅବଗତ ହେବାକୁ ସୁଯୋଗ ପାଏ ନାହିଁ । ଅହଂସର୍ବସ୍ୱ, ମୁକାରଗ୍ରସ୍ତ ମନୁଷ୍ୟ ସଂପର୍କରେ କବିବାଣୀ ଯଥାର୍ଥ ମନେହୁଏ ।

"ଦେଖଇ ନେତ୍ର ଯାହା ଚଉଦିଗର
ସେ ସବୁର ଅଟଇ ମୁଁ ଅଧୀଶ୍ୱର ।"

ମନୁଷ୍ୟ ମାତୃଗର୍ଭରୁ ଜନ୍ମନେଇ ଯେଉଁ ମାଟିର ପ୍ରଥମ ସ୍ପର୍ଶ ପାଇଥାଏ, ସେହି ମାଟି ଦିନେ ହୁଏ ତା'ର ଅନ୍ତିମ ଆଶ୍ରୟ ସ୍ଥଳ । ମରଣର ଶୀତଳ ସ୍ପର୍ଶକୁ କେହି କେବେ ଏଡ଼ାଇ ପାରିବ ନାହିଁ । ମୃତ୍ୟୁ ବ୍ୟକ୍ତିର ସାଂସାରିକ ବନ୍ଧନକୁ ଛିନ୍ନ କରିଦିଏ । 'ମୁଁ', 'ମୋର' ସତ୍ତା ଲୋପପାଏ । ସବୁକୁ ଛାଡ଼ି ପରପାରିକୁ ଚାଲିଯିବାକୁ ହୁଏ । ଘରଦ୍ୱାର, ଆତ୍ମୀୟସ୍ୱଜନ, ଶତ୍ରୁମିତ୍ର କେହି 'ମୋର' ହୋଇ ରହନ୍ତି ନାହିଁ । ଏହା ହିଁ ତ ନଶ୍ୱର ଧରାର ବିଶେଷତ୍ୱ । ମୁହୂର୍ତ୍ତକ ମଧ୍ୟରେ କାଳ ତା'ର ଟାଣପଣ ଭାଙ୍ଗିଦିଏ । ଏଥିପାଇଁ ଆଦି ଶଙ୍କରାଚାର୍ଯ୍ୟ ମନୁଷ୍ୟକୁ ବଜ୍ରଗମ୍ଭୀର କଣ୍ଠରେ ଶୁଣାଇଛନ୍ତି –

"ମା କୁରୁ ଧନଜନଯୌବନ ଗର୍ବଂ
ହରତି ନିମେଷାତ୍ କାଳଃ ସର୍ବମ୍ ।"

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ନାରୀ ଓ ନର ଈଶ୍ୱରଙ୍କ ସୃଷ୍ଟିର ସୁନ୍ଦର ସର୍ଜନା । ପୁଣି ନାରୀ ହେଉଛି ଧରା ଉପବନର ଏକ ସୁନ୍ଦର, ସତେଜ କୁସୁମ । ସେ ମର୍ଯ୍ୟାଦାବତୀ । ତା'ର ମର୍ଯ୍ୟାଦା ଓ ସୌନ୍ଦର୍ଯ୍ୟର ସୁରକ୍ଷା ନିମିତ୍ତ ପୋଷାକ-ପରଦାର ଆବଶ୍ୟକତା ରହିଛି । ପୋଷାକ-ପରିଚ୍ଛଦ ମଧ୍ୟରୁ ସୁନ୍ଦରୀ ନାରୀର ସୌନ୍ଦର୍ଯ୍ୟ ସ୍ୱତଃ ପ୍ରତିଭାତ ହୋଇଥାଏ । ଅଥବା ପଟ-ଭବନ ଭିତରେ ନାରୀଟିଏ ଥିଲେ ମଧ୍ୟ ସେ ସୁନ୍ଦର ଦିଶେ । ସେହିପରି ଅସ୍ଥି, ରକ୍ତମେଦ, ମାଂସରେ ଗଠିତ ଶରୀର ଅଭ୍ୟନ୍ତରରେ ରହିଛି ଟୋପଚଉଁରା ବା ନିରାକାର ପରମାତ୍ମା । ସେ ଅଦୃଶ୍ୟ, ଅରୂପ ହେଲେ ମଧ୍ୟ ମାନସଗୋଚର । ଜ୍ଞାନନେତ୍ରରେ ହିଁ ତାଙ୍କର ଅପୂର୍ବରୂପ ପ୍ରତିଭାତ । ଟେରା ବା ଝିନବସନର ପରଦା ଗୃହରୁ ଅପୂର୍ବ ନାରୀର ରୂପକାନ୍ତି ପ୍ରକଟିତ ହେଲାପରି ଦେହଦେବାଳୟର ମଧ୍ୟରେ ଥିବା ସତ୍ୟ-ଶିବ-ସୁନ୍ଦର ପରମେଶ୍ୱରଙ୍କୁ ସାଧକ ଭକ୍ତ ଦେଖିପାରେ ।

ପ୍ରତ୍ୟେକ ଶରୀରରେ ଈଶ୍ୱର ବିଦ୍ୟମାନ । ଏହି ଈଶ୍ୱର ଶୂନ୍ୟରୂପୀ । ଏହାଙ୍କର ଦର୍ଶନ କେବଳ ଆତ୍ମଜ୍ଞାନୀ, ଈଶ୍ୱରାନୁଗତ ପ୍ରାଣ, ଗୁରୁକୃପାପ୍ରାପ୍ତ ସାଧକ କରିପାରେ ।

ଠିକେ ମୁଁ କହୁଅଛି କର ମୋ କଥା
ଠିକେ ତୋ ଦେହେ ଅଛି ଶୂନ୍ୟଦେବତାରେ ।
ଠକିଯିବୁଟି ଠିକ୍ ମୁଣ୍ଡ ପଡ଼ିଲେ
ଠିକେ ଗୁରୁଙ୍କ ସେବା କରତୁ ଭଲେରେ ।

କବି ଭକ୍ତଚରଣ ସ୍ୱରଚିତ 'ମନବୋଧ ଚଉତିଶା'ରେ ମଣିଷ ମନକୁ ଈଶ୍ୱରାନୁରାଗୀ କରାଇବା ପାଇଁ ବାରମ୍ବାର ଆହ୍ୱାନ କରିଛନ୍ତି; ପ୍ରେରଣା ଦେଇଛନ୍ତି ଏବଂ ମାର୍ଗଦର୍ଶନ ମଧ୍ୟ କରାଇଛନ୍ତି । କବି ଯେଉଁ ଉପଦେଶ ଦେଇଛନ୍ତି, ସେଥିରେ ତିଳାର୍ଦ୍ଧ ସନ୍ଦେହ ନାହିଁ । ତାହା ନିର୍ଭୁଲତା, ବାସ୍ତବତା ଓ ସତ୍ୟ ଉପରେ ପ୍ରତିଷ୍ଠିତ । ପୂର୍ବୋକ୍ତ ପଦରେ କବି ଦେହରେ ଦେବତାର ଅଧିଷ୍ଠାନ କଥା ସୂଚାଇଛନ୍ତି ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଶରୀରରୂପୀ ମନ୍ଦିରରେ ଶୂନ୍ୟଦେବତା ବିରାଜମାନ । ବୈଦିକ ଚିନ୍ତନରେ ଈଶ୍ୱର ଅଣାକାର, ଅରୂପ, ଅବ୍ୟକ୍ତ, ସର୍ବବ୍ୟାପକ ରୂପେ ବର୍ଣ୍ଣିତ । ଈଶ୍ୱର ନଥାଇ ସ୍ଥାନ ନାହିଁ । ଭାଗବତ ଏହି କଥା ମଧ୍ୟ କୁହନ୍ତି –

"ସକଳ ଘଟେ ନାରାୟଣ
ବସନ୍ତି ଅନାଦି କାରଣ ।"

ଏଣୁ ଅଣୁ ପରମାଣୁରେ ବ୍ରହ୍ମସତ୍ତା ବିଦ୍ୟମାନ । ଏହି ଜୀବନ୍ତ ମନୁଷ୍ୟ ଈଶ୍ୱରଙ୍କର ତ ସୃଷ୍ଟି । ତା' ଦେହରେ ପରମାତ୍ମାଙ୍କର ସତ୍ତା ଜୀବାତ୍ମା ରହିଛି । ସୁତରାଂ ନିଜ ଶରୀରରେ ଥିବା ପ୍ରଭୁଙ୍କୁ ଚିହ୍ନିବା ସର୍ବାଦୌ କର୍ତ୍ତବ୍ୟ । ଏଣେତେଣେ ଈଶ୍ୱରଙ୍କୁ ଅନ୍ୱେଷଣ କରିବା ବୃଥା । ଏହି ହେତୁରୁ ଆତ୍ମଜ୍ଞାନ ଲାଭକରିବା ପାଇଁ ଧ୍ୟାନର ସହିତ ପ୍ରଯତ୍ନ କରିବା ଉଚିତ ।

ମନେ ରଖିବାକୁ ହେବ, ବିନଶ୍ୱର ପୃଥିବୀରେ ଶରୀର ମଧ୍ୟ ନଶ୍ୱର । ଶରୀରର ମୃତ୍ୟୁ ହେବ । ଜୀବାତ୍ମା ବା ଦେହୀ ସ୍ୱସ୍ଥାନକୁ ଫେରିଯିବ । ଅନ୍ୟ ଦେହକୁ ଆଶ୍ରୟ କରିବ । ହସ୍ତ, ପଦ, ମସ୍ତକାଦି ଅବୟବଧାରୀ ମଣିଷଟି ପଞ୍ଚଭୂତରେ ଲୀନ ହେବ । ଏହି ମରଣ ଚିନ୍ତା ମନରେ ପୋଷଣକରି ଭବସାଗର ତରଣ ନିମିତ୍ତ ବିଭୁପଦାରବିନ୍ଦରେ ମନପ୍ରାଣ ସମର୍ପଣ କରିବା ବାଞ୍ଛନୀୟ । ଜନ୍ମରୁ ମୃତ୍ୟୁପର୍ଯ୍ୟନ୍ତ ସମୟ ସୁନିର୍ଦ୍ଦିଷ୍ଟ । ମୃତ୍ୟୁର ସମୟ ନିର୍ଦ୍ଦିଷ୍ଟ । କେତେବେଳେ କାହାର ମୃତ୍ୟୁକାଳ ଉପସ୍ଥିତ ହେବ କିଏ କହିପାରିବ ନାହିଁ । ଆଜି ଓ ଏବେ ମଧ୍ୟ ମୃତ୍ୟୁ ହୋଇଯାଇପାରେ । ତେଣୁ ଯଥାସମୟରେ ଆତ୍ମତତ୍ତ୍ୱ ରହସ୍ୟ ଉପଲବ୍ଧି ନିମିତ୍ତ ମନୋନିବେଶ କରିବା ଉଚିତ । ଜଳସ୍ରୋତ ପରି ଆୟୁଷ ସରିସରି ଯାଉଛି । ଶେଷନିଶ୍ୱାସ ତ୍ୟାଗ କରିବା ପୂର୍ବରୁ କର୍ତ୍ତବ୍ୟ ସ୍ଥିର କରିବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ । ନଚେତ୍ ପ୍ରାଣ ଯିବା ପରେ ଆଉ କିଛି କରିବାକୁ କି ଭାବିବାକୁ ସମୟ ନଥିବ । ନିଜକୁ କେବଳ ପ୍ରତାରିତ କରିବା ହିଁ ସାର ହେବ । ଜନ୍ମନେବାର ଉଦ୍ଦେଶ୍ୟ ଅସଫଳ ହେବ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଏହାପରେ କବି ପଥଚ୍ୟୁତ, ଆତ୍ମପ୍ରତାରିତ ମନୁଷ୍ୟକୁ ମୁକ୍ତିର ମାର୍ଗଦର୍ଶନ କରାଇବା ପାଇଁ ପୁଣି ଗୁରୁସେବା କରିବାକୁ ଉପଦେଶ ଦେଇଛନ୍ତି ।

କଳିଯୁଗରେ ଗୁରୁ ହିଁ କେବଳ କଳିକଳୁଷଲିପ୍ତ ମଣିଷର ଉଦ୍ଧାରକ । ଗୁରୁ ନ କଲେ ଜ୍ଞାନ ନାହିଁ । ସଦ୍‌ଜ୍ଞାନ ଲାଭ କରିବାକୁ ଉପଯୁକ୍ତ ଗୁରୁଙ୍କର ସନ୍ଧାନ କରିବାକୁ ପଡ଼ିବ । ସର୍ବଦେବ ସ୍ୱରୂପ ଗୁରୁ ଶିଷ୍ୟର ଅଜ୍ଞାନତାନାଶକ, ଜ୍ଞାନପ୍ରଦାୟକ ଓ ମୁକ୍ତିପଥ ପ୍ରଦର୍ଶକ । ଗୁରୁଜ୍ଞାନପ୍ରାପ୍ତି ନିମିତ୍ତ ଗୁରୁସେବା କରଣୀୟ । ସେବା-ପରିଚର୍ଯ୍ୟାରେ ଗୁରୁ ପ୍ରସନ୍ନ ହଅନ୍ତି । ଶିଷ୍ୟର ଆତ୍ମକଲ୍ୟାଣ ସାଧନ କରନ୍ତି । ଜ୍ଞାନଚକ୍ଷୁ ଉନ୍ମୀଳିତ ହୁଏ । ସେବାର ମହତ୍ତ୍ୱ ପ୍ରତିପାଦନ କରିବାକୁ ଯାଇଁ ଗୋସ୍ୱାମୀ ଜଗନ୍ନାଥ ସ୍ୱୀୟ ଅମର ଗ୍ରନ୍ଥ ଭାଗବତରେ କହିଛନ୍ତି–

'ସେବା-କାର୍ପଣ୍ୟ-ଦାନବଳେ
କିବା ଅସାଧ ମହୀତଳେ ।'

ଶ୍ରୀମଦ୍ ଭଗବଦ୍‌ଗୀତାରେ ମଧ୍ୟ ଏହି କଥା କୁହାଯାଇଛି,

"ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।"ଅତଏବ ଜୀବନରେ ଗୁରୁତତ୍ତ୍ୱ ଗ୍ରହଣ ଓ ପରିପାଳନ ପ୍ରତ୍ୟେକ ଲୋକର ଶ୍ରେୟ କର୍ତ୍ତବ୍ୟ ।

ଡାକି କହୁଛି ମନ ଭଜ ଗୋବିନ୍ଦ
ଡର ଜଞ୍ଜାଳ ଯାଉ ତୋହର ହୃଦୟରେ ।
ଡେରିଥାନ୍ତି ଶ୍ରବଣ ଭକ୍ତ ଡାକକୁ
ଡଙ୍ଗା ଯେହ୍ନେ ଜଳରେ ଚାହେଁ ପଛକୁ ରେ ।

ମନ ବଡ଼ ଅବୁଝା, ଚଞ୍ଚଳିଆ । ପୁଣି ଏ ବାତୁଳ ମନକୁ ସ୍ଥିର କରିବା ପାଇଁ ଭକ୍ତିଭାବାପନ୍ନ ଭକ୍ତଚରଣ ଗୋବିନ୍ଦ ଭଜନର ଆବଶ୍ୟକତା ବ୍ୟକ୍ତ କରିଛନ୍ତି । ଗୋବିନ୍ଦ ହେଉଛନ୍ତି ଭଗବାନ୍ ଶ୍ରୀକୃଷ୍ଣ । କଳିଯୁଗରେ କୃଷ୍ଣନାମ ହିଁ ସାର । କଳିସନ୍ତରଣ ଉପନିଷଦରେ ଏହି କଥା ମଧ୍ୟ କୁହାଯାଇଛି, "ହରେକୃଷ୍ଣ ହରେକୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହରେ ରାମ ରାମ ରାମ ହରେ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ହରେ ।" ପ୍ରଭୁଙ୍କର ଅଜସ୍ର ନାମ ମଧ୍ୟରୁ କୃଷ୍ଣ, ରାମ, ଗୋବିନ୍ଦ, ନାରାୟଣ ଓ ହରି ପ୍ରଭୃତି ଅତି ପରିଚିତ ନାମ । ଲୋକ ପ୍ରଭୁଙ୍କର ଯେ କୌଣସି ନାମ ଭଜନ, ଚିନ୍ତନ, ସ୍ମରଣ, କୀର୍ତ୍ତନ, ଜପ, ଧ୍ୟାନ କଲେ ଲକ୍ଷ୍ୟ ଚରିତାର୍ଥ ହେବ ଓ ମୁକ୍ତିର ମାର୍ଗ ଉନ୍ମୋଚିତ ହେବ ।

ଗୋବିନ୍ଦଙ୍କ ପଦାରବିନ୍ଦରେ ମନପ୍ରାଣ ଢାଳିଦେଲେ ବ୍ୟକ୍ତି ଜଞ୍ଜାଳ ଜାଲରୁ ମୁକ୍ତ ହେବ; ଭବବନ୍ଧନ ଫିଟିଯିବ । ସକଳ ପ୍ରକାର ପାପତାପ ବିଦୂରିତ ହେବ । ତେଣୁ କବି ପ୍ରାଣରେ କୃଷ୍ଣଭାବନା, କୃଷ୍ଣଚେତନା ଉଦ୍ରେକ କରିବାକୁ ଆହ୍ୱାନ କରିଛନ୍ତି । କୃଷ୍ଣ ଭଜନର ପ୍ରଭାବ ଅସୀମ । କବି ଦୀନକୃଷ୍ଣ ଦାସ କୃଷ୍ଣନାମର ମାହାତ୍ମ୍ୟ ଉଲ୍ଲେଖ କରିଛନ୍ତି ନିମ୍ନମତେ –

"କୃଷ୍ଣ ନାମରେ ପାପକ୍ଷୟ ଯେତେ
କରି ନ ପାରେ ପାପୀ ପାପ ତେତେ ।"

ବାସ୍ତବିକ ଭବବ୍ୟାଧିପୀଡ଼ିତ ମନୁଷ୍ୟ ପାଇଁ କୃଷ୍ଣ-ଗୋବିନ୍ଦ ନାମଭଜନ ହିଁ ଅବ୍ୟର୍ଥ ଔଷଧି । କୁହାଯାଇଛି –

"ଭଜ ଗୋବିନ୍ଦଂ ସ୍ମର ଗୋବିନ୍ଦଂ ଗୋବିନ୍ଦଂ ଭଜ ମୂଢ଼ମତେ ।"

ମୂଢ଼ମତି ମନୁଷ୍ୟର ଯାବତୀୟ ମାନସିକ ଭୟ ଦୂରପାଇଁ ଗୋବିନ୍ଦ ଭଜନ ଦରକାର । ଐହିକ ଓ ପାରତ୍ରିକ ଭୟ ପ୍ରତ୍ୟେକ ମଣିଷର ରହିଛି । ଜୀବିତାବସ୍ଥାରେ ଲୋକ ବ୍ୟାଧି, ଶତ୍ରୁ, ପ୍ରାକୃତିକ ବିପତ୍ତିର ସମ୍ମୁଖୀନ ହୁଏ । ମୃତ୍ୟୁପରେ ଦୁଷ୍କର୍ମର ପରିଣତି ପାଇଁ ତା'ର ଯମଯନ୍ତ୍ରଣାର ଭୟ ଜାଗ୍ରତ ହୁଏ । ଏ ସମସ୍ତ ଭୟରୁ ମୁକ୍ତ କରେ ଗୋବିନ୍ଦଙ୍କ ନାମ ଭଜନ ।

ଭକ୍ତ କଣ୍ଠରୁ ଝରିପଡ଼େ - "ଭଜରେ ମନ ଗୋବିନ୍ଦ ଗୋପାଳ ଚିନ୍ତରେ ମନ ହରିଙ୍କି, ଯେ ନାମ ଭଜିଣ ଧ୍ରୁବ ପ୍ରହଲାଦ ସଂସାରୁ ଗଲେ ତରିକି ।"

ନାମରେ ବିଶ୍ୱାସ ନ ରଖିଲେ, ତୁଣ୍ଡରେ ରାମକୃଷ୍ଣ ନାମ ନିତ୍ୟ ଉଚ୍ଚାରଣ ନକଲେ ପାରଲୌକିକ ଜୀବନ ଯାତନାଜର୍ଜରିତ ହେବ । ଯମଭୟରୁ ନିସ୍ତାର ମିଳିବ ନାହିଁ । ଟୀକା ଗୋବିନ୍ଦଚନ୍ଦ୍ରରେ ଏହାର ଉଲ୍ଲେଖ ଅଛି,

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

"ଭଜୁକିନା ରାମ ନାମରେ ଗୋବିନ୍ଦ
ଭଜୁକିନା ରାମ ନାମ
ଭଜି ନ ପାରିଲେ କୁଳଚନ୍ଦ୍ରମାରେ
ବାନ୍ଧିନେବ କାଳ ଯମ ।"

ଭକ୍ତାଧୀନ ଭଗବାନ । ଭକ୍ତର ଭକ୍ତିରେ ସେ ବନ୍ଧା । ଭକ୍ତି ସହକାରେ ତାଙ୍କୁ ଡାକିଲେ ସେ ଭକ୍ତର ନିକଟରେ ଆଖିର ପଲକମାତ୍ରେ ଉଭା ହୋଇଯାଆନ୍ତି । ଭକ୍ତର ସୁରକ୍ଷା ଭାର ସେ ନିଜେ ବହନ କରନ୍ତି । ଦ୍ରୌପଦୀର ଡାକରେ ସେ କୋଟିବସ୍ତ୍ର ଦେଇ ମାନ ରକ୍ଷା କରିଛନ୍ତି । ଗାଈର ପଛେ ପଛେ ବାଛୁରୀ ଗଲାପରି ସେ ଭକ୍ତର ଅନୁସରଣ କରିଥାନ୍ତି । 'ଗୀତ-ଗୋବିନ୍ଦ' ଶୁଣିବା ପାଇଁ କଣ୍ଢାଖୁଞ୍ଚ ନମାନି ଭକ୍ତର ପଛେ ପଛେ ଧାଇଁପାରନ୍ତି । ଭକ୍ତକୁ ତାଙ୍କର କିଛି ଅଦେୟ ନଥାଏ । କବି ଭଗବାନଙ୍କର ଭକ୍ତର ନିବେଦନ, ପ୍ରାର୍ଥନା-ଶ୍ରବଣକୁ ନୌକାର ପଶ୍ଚାଦବଲୋକନର ସହ ତୁଳନା କରିଛନ୍ତି । ଡଙ୍ଗା ଜଳରେ ଗୋଟିଏ କୂଳର ଘାଟରୁ ଅପର ଘାଟକୁ ଯାଏ । ଡଙ୍ଗାର ଉଭୟ ପାଖ ସମାନ । ଗୋଟିଏ ମୁହଁ ଆଗକୁ ଯିବାବେଳେ ଅପର ପାଖଟି ପଶ୍ଚାତ୍‌ଭାଗରେ ଥାଏ । ନାଉରିଆ କାତମାରି ଆଗକୁ ନାଆ ନେଲାବେଳେ ପଶ୍ଚାତ୍ ଦୃଷ୍ଟି କରିଥାଏ । ଡଙ୍ଗା କୂଳ ଛାଡୁଛାଡୁ ଯଦି କେହି ରହିଯାଇଥିବା ଯାତ୍ରୀ ଯିବାପାଇଁ ଡାକ ଛାଡ଼େ, ଡଙ୍ଗା ପଛକୁ ଫେରି ଲୋକଟିକୁ ଆଣେ ଓ ପାରିକରାଏ । ସେହିପରି ଉତ୍ତାଳ ତରଙ୍ଗାୟିତ ଭବସିନ୍ଧୁକୁ ପାରିହେବା ନିମିତ୍ତ ପ୍ରଭୁଙ୍କ ନାମ ନୌକାହିଁ ଏକମାତ୍ର ସହାୟକ । ଅର୍ଥାତ୍ ସଂସାର ସାଗର ପାରି କରାଇବା ପାଇଁ ପରମେଶ୍ୱରଙ୍କ ଛଡ଼ା ଆଉ କେହି ନାହିଁ । ସେ ବିଶ୍ୱଚକ୍ଷୁ । ସବୁପ୍ରକାରେ ସେ ଭକ୍ତର ଡାକ ଶୁଣନ୍ତି, ଆଗପଛ ବିଚାର ତାଙ୍କର ନ ଥାଏ । ସେ ଭକ୍ତର ଦୁଃଖହରଣକାରୀ ଓ ଉଦ୍ଧାରକ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଢୋଲ ଯେସନେ ଢାଉଁ ଢାଉଁ ବାଜଇ
ଢାଳେ ତହିଁ ଭିତରେ କିଛି ହିଁ ନାହିଁରେ ।
ଢାଙ୍କି ରହିଛି ଦେହ ସବୁଟି ତୁଚ୍ଛ
ଜଳି ପଡ଼ିଲେ ସବୁ ହେବଟି ମିଛରେ ।

କବି ସଂସାରର ଅସାରତା ଓ ଶରୀରର ନଶ୍ୱରତା ସମ୍ବନ୍ଧରେ ଅବତାରଣା କରିବାକୁ ଯାଇ ଚର୍ମଢ଼ାଙ୍କୁଣିର ଶରୀରକୁ ଢୋଲ ସହିତ ତୁଳନା କରିଛନ୍ତି । ଚମଡ଼ା ଓ କାଠରେ ଢୋଲ ତିଆରି । ଭିତର ଫମ୍ପାଯୁକ୍ତ ଏକ ଗୋଲାକାର କାଠର ଦୁଇମୁହଁ ଚମଡ଼ା ଦ୍ୱାରା ବନ୍ଧା । ବାହ୍ୟ ଆବରଣ ରୂପେ ଥାଏ ଚର୍ମରଜ୍ଜୁ । ବାଦକ ଦୁଇ ମୁହଁରେ ବନ୍ଧା ଚମଡ଼ାରେ ହସ୍ତର ଆଘାତ କଲେ ତାହା ଢାଉଁ ଢାଉଁ ଶବ୍ଦ କରେ । ଏହି ଶବ୍ଦ ଅତି ଜୋର୍ ଓ ଗମ୍ଭୀର । ସେହି ଗମ୍ଭୀର ଶବ୍ଦରେ କର୍ଣ୍ଣ ସ୍ତବ୍ଧ ହୁଏ । ଏହିଭଳି ଉଚ୍ଚ ଶବ୍ଦ କରୁଥିବା ଢୋଲର ଭିତର ରିକ୍ତ ବା ଶୂନ୍ୟ । ଢୋଲଟି ଯଦି ଅକସ୍ମାତ୍ ଆଘାତ ପାଇ ଭାଙ୍ଗିଯାଏ, ତେବେ ତାହା ବାଜିବା କାମରେ ସାହାଯ୍ୟ କରେ ନାହିଁ ।

ଏ ଶରୀର ସେହିପରି ଏକ ଢୋଲ । ଚର୍ମାଚ୍ଛାଦିତ ଶରୀର ଢୋଲପରି ଶବ୍ଦ କରେ; ଅର୍ଥାତ୍ ଦେହଧାରୀର ତୁଣ୍ଡରୁ ଶବ୍ଦ ବାହାରେ । କୁହାଯାଏ, 'ଚମ ବାଇଦ କୋଶେ; ତୁଣ୍ଡ ବାଇଦ ସହସ୍ର କୋଶ' । ବାକ୍‌ଶକ୍ତି ମନୁଷ୍ୟକୁ ଈଶ୍ୱରଙ୍କର ମହାର୍ଘ ଦାନ । ତୁଣ୍ଡ ନ ଫିଟିଲେ ଜୀବନର ସ୍ୱୟଂସଂପୂର୍ଣ୍ଣତା ଆସେ ନାହିଁ । ଏଇ ତୁଣ୍ଡରୁ କେତେ ଭଲମନ୍ଦ କଥା ବାହାରେ । ତୁଣ୍ଡର ପଦିଏ କଥାରେ କେତେ ବିଭ୍ରାଟ ଘଟିନଯାଏ । ମୁଖର ଭାଷାରେ ମଧୁରତା ନ ଥିଲେ ତାହା ଶତ୍ରୁ ସୃଷ୍ଟି କରାଏ । ପ୍ରଭୁ ମୁଖରେ ଭାଷା ଦେଇଛନ୍ତି, ଭଲ କଥା କିହବାକୁ । ଯେଉଁ ପ୍ରଭୁ ଏହି ବାକ୍‌ଶକ୍ତିର ଦାତା, ତାଙ୍କରି ନାମ ରଟନ ପ୍ରାତ୍ୟହିକ ଜୀବନରେ କରଣୀୟ । ନଚେତ୍ କୁଆଭଳି ରାଉରାଉ ହେଲେ ବା ବାଚାଳ ଭଳି ଗପିଚାଲିଲେ ସେ କଥାର କିଛି ମୂଲ୍ୟ ନଥାଏ । କେବଳ ଢୋଲ ପରି ଢାଉଁ ଢାଉଁ କରିବା ସାର ହୁଏ । ଏଣୁ ବୃଥା ଗପସପରେ ସମୟର

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଅପଚୟ ନକରି ମହତ୍ତ୍ୱପୂର୍ଣ୍ଣ, ଜନହିତୈଷୀ ବାଣୀ ପ୍ରକାଶ କରିବା ଉଚିତ । ପଦିଏ କଥାରେ ଯଦି କାହାରି କିଛି ଉପକାର ହେବ, ସେପରି ବଚନ କହିବା ଉଚିତ । ସବୁବେଳେ ମାପିଚୁପି ଅର୍ଥାତ୍ ରସନାସଂଯତ କରି କଥା କହିବା ଉଚିତ । ଅଳ୍ପକରେ ଭଲ କହିଲେ ତାହା ସମସ୍ତଙ୍କର ଗ୍ରହଣୀୟ ଓ ସ୍ପୃହଣୀୟ ହୋଇଥାଏ । ଏଣୁ କୁହାଯାଏ, "ମିତଂ ଚ ସାରଂ ଚ ବଚୋହି ଗ୍ରାହ୍ୟମ୍ ।"

ରକ୍ତମାଂସର ଶରୀରଧାରୀ ମଣିଷ । ଶରୀର ଉପରେ ଚର୍ମର ଆବରଣ, ଚର୍ମତଳର ବସ୍ତୁ ଦର୍ଶନେନ୍ଦ୍ରିୟର ପରିତୃପ୍ତିଦାୟକ ନୁହେଁ । ମାତ୍ର ଏହି ତୁଚ୍ଛ, ଅସାର ଦେହପାଇଁ ମନୁଷ୍ୟର ଗର୍ବର ସୀମା ନାହିଁ । ପ୍ରାଣପକ୍ଷୀ ଉଡ଼ିଗଲେ ନିର୍ଜ୍ଜୀବ ଶରୀର ପଡ଼ିରହେ । ଈର୍ଷା, ହିଂସା, ଗର୍ବ, ଅହଂକାରାଦି କିଛି ରହେନାହିଁ । ଜୀବିତାବସ୍ଥାର ଦମ୍ଭ, ଅଭିମାନ ମୃତ୍ୟୁ ନିକଟରେ ହାରମାନେ । ତେଣୁ ଶରୀରାଭିମାନ, ଆତ୍ମଗର୍ବ ଓ ଆତ୍ମପ୍ରଶଂସାର କୌଣସି ଯଥାର୍ଥତା ନାହିଁ ।

ଏଣେ ତୁ ଦେଇଥିଲେ ତେଣେ ପାଇବୁ
ଅଣ-ଆୟତ୍ତ ବେଳେ କି ଘେନି ଯିବୁରେ ।
ଅଣନିଃଶ୍ୱାସୀ ହୋଇ ରହିବୁ ଦିନେ
ଅନେକ ଦୁଃଖ ଦେବେ ଯମଭୁବନେ ରେ ।

ଜୀବନର ଲକ୍ଷ୍ୟ କେବଳ ନାମ ଭଜନରେ ସୀମିତ ନୁହେଁ କି ଗୁରୁ ପାଦପଦ୍ମରେ ସମର୍ପଣ ନୁହେଁ । ଏସବୁ ବ୍ୟତୀତ ମନୁଷ୍ୟ ନିମିତ୍ତ ଆହୁରି କିଛି କର୍ତ୍ତବ୍ୟ ରହିଛି । ଜୀବର ଉଦ୍ଧାରପାଇଁ ମାର୍ଗ ଅନେକ ।

ଜୀବନର ସାର୍ଥକତାପାଇଁ ଦାନର ମହତ୍ତ୍ୱ ସର୍ବାଧିକ । ଆମ ସମାଜରେ ସବୁ ମଣିଷ ସମାନ ନୁହନ୍ତି । ଦୁଃଖୀରଙ୍କୀ, ଭୋକୀ-ଶୋଷୀ, ରୋଗୀ-ଅକର୍ମଣ୍ୟ ଆଦି ବିଭିନ୍ନ ଦୁଃଖୀ ମଣିଷ ଅଛନ୍ତି । ସେମାନଙ୍କୁ ଯଥାଶକ୍ତି ଦାନ କରିବା ଉଚିତ । ଭାରତୀୟ ସଂସ୍କୃତିରେ ବିଶ୍ୱାସ ଅଛି ଯେ ଦାନଦ୍ୱାରା ପୁଣ୍ୟ ଓ ଧର୍ମ ମିଳେ । ଜୀବନକାଳରେ ଦାନକରିଥିବା ଲୋକ ପରଜୀବନରେ ଦାନର ପ୍ରଭାବରୁ ସୁଖସ୍ୱାଚ୍ଛନ୍ଦ୍ୟ ଲାଭକରେ । ପୁନର୍ଜନ୍ମ ନେଇ ଭୌତିକ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ସୁଖସୁବିଧା ପାଏ । ଏଣୁ ଦାନ ଦେବା ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ । ଆମର ପୁରାଣଶାସ୍ତ୍ରରେ ମଧ୍ୟ ଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଗୋଦାନ, ଭୂମିଦାନ, ଅନ୍ନଦାନ, ବସ୍ତ୍ରଦାନ ଓ ଜଳଦାନ କଲେ ପାରଲୌକିକ ଜୀବନରେ ତାହା ମିଳେ ବୋଲି ଶାସ୍ତ୍ର କହେ । ଏଇଥିପାଇଁ ତ ଲୋକଙ୍କ ତୁଣ୍ଡରେ ଶୁଣାଯାଏ 'ଦେଇଥିଲେ ପାଇ ।' ଏହି ବଳବତ୍ତର ବିଶ୍ୱାସ ସବୁ ଧର୍ମଶାସ୍ତ୍ରରେ କୁହାଯାଇଛି ।

ସାମ୍ପ୍ରତିକ ସମୟରେ ଅଙ୍ଗଦାନ ଶ୍ରେଷ୍ଠଦାନ ରୂପେ ଗୃହୀତ ହେଲାଣି । ରକ୍ତ, ଚକ୍ଷୁ, କିଡ଼ନୀ ଭଳି ଦାନ କରାଯାଉଛି । ରକ୍ତଦାନ ପାଇଁ ଶିବିରମାନ ଆୟୋଜିତ ହେଉଛି । ଜଣକର ରକ୍ତରେ ଆଉ ଜଣେ ବଞ୍ଚିପାରୁଛି । ଜଣକର ଚକ୍ଷୁରେ ଅନ୍ୟ ଜଣେ ଦେଖିପାରୁଛି । ଏହାଠାରୁ ବଳି ମହତ୍ ଦାନ କିଛି ନାହିଁ । ଏହାହିଁ ତ ଯଥାର୍ଥ ଦାନ । ଏହି ଦାନ ଦ୍ୱାରା ପରବର୍ତ୍ତୀ ଜୀବନରେ ସେ କ'ଣ ପାଇବ ସେ ଜାଣେନି କି ଅନ୍ୟମାନେ ଜାଣନ୍ତିନି । ମାତ୍ର ବର୍ତ୍ତମାନର ଜୀବନରେ ଦାନ କରି ସେ ଆତ୍ମସନ୍ତୋଷ ଲାଭକରେ । ଲୋକେ ପ୍ରଶଂସା କରନ୍ତି । ଏହି ସନ୍ତୋଷ ତ ସ୍ୱର୍ଗସୁଖ ଓ ଜନସାଧାରଣଙ୍କ ପ୍ରଶଂସା ତ ସ୍ୱର୍ଗପ୍ରାପ୍ତି ।

ପୁଣି କବି ଦାନର ଅନ୍ୟ ଏକ ଦିଗ ପ୍ରତି ଲୋକଙ୍କର ଦୃଷ୍ଟି ଆକର୍ଷଣ କରାଇଛନ୍ତି । ଶକ୍ତି ସାମର୍ଥ୍ୟ ଥିବା ସମୟରେ, ଧନାଗମ ସମୟରେ ଦାନ ଦେବା ବାଞ୍ଛନୀୟ । ଯେତେ ଶୀଘ୍ର, ଦାନ ଦେବା ଉଚିତ । ଜୀବନ ତ ଅନିଶ୍ଚିତ । ମୃତ୍ୟୁ ଆସି କେତେବେଳେ ପହଞ୍ଚିବ । ରୋଗଶଯ୍ୟାରେ ପଡ଼ିରହିବାକୁ ହେବ । ତୁଣ୍ଡ ଫିଟୁ ନଥିବ, ହାତ ଚଳୁ ନଥିବ– ଏହା ହେଉଛି ଅଣାୟତ୍ତ ଅବସ୍ଥା । ଏପରି ଅବସ୍ଥାରେ ପରିବାର ପୁରୋହିତଙ୍କୁ ଡାକି ହାତରେ ଛୁଆଁଇ ଦାନଦେଲେ କିଛି ମୂଲ୍ୟ ନାହିଁ । ଏହା କେବଳ ଲୋକାଚାରମାତ୍ର ।

ମୃତ୍ୟୁପରେ ଜୀବାତ୍ମା ଯମପୁରକୁ ଯିବ । ଦାନ ଭଳି ସତ୍‌କର୍ମ ଅଭାବରୁ ବହୁ କଷ୍ଟରେ ରହିବାକୁ ହେବ । ଖାଦ୍ୟପେୟ ନ ପାଇ କଷ୍ଟାତିକଷ୍ଟ କ୍ଷୁଧା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଭୋଗିବାକୁ ପଡ଼ିବ । ନିଃଶ୍ୱାସ ଛାଡ଼ିବାକୁ ବି ଶକ୍ତି ନଥିବ । ଭୟଙ୍କର ନରକ ଦର୍ଶନରେ ଦେହ ଶୀତେଇ ଉଠୁଥିବ । ଯମଗଣ ଚିତ୍ରଗୁପ୍ତଙ୍କ ପାଞ୍ଜିଲେଖାନୁଯାୟୀ ଯମଙ୍କ ଆଦେଶରେ ପ୍ରକାର ପ୍ରକାର ଦଣ୍ଡଦେବେ । ଏ ସବୁରୁ ରକ୍ଷା ପାଇବା ପାଇଁ ଜୀବଦ୍ଦଶାରେ ପ୍ରତ୍ୟେକ ବ୍ୟକ୍ତି ଦାନଧର୍ମ କରିବା ଉଚିତ ।

ତୁ ଯେ ବୋଲୁ ମୋହର ଅର୍ଜିଲା ଧନ
ତୋ ଦେହ ନୋହେ ତୋର ଦେଖ ଏମାନ ରେ ।
ତୋହରି ସଙ୍ଗୁ ମନ ଗଲେଣି କେତେ
ତୁ ମିଥ୍ୟା କଥାକୁ ତ ଯାଉ ପରତେ ରେ ।

ଜୀବନରେ ବାସ୍ତବ ସୁଖଲାଭ ଓ ପରମ ଗତି ପ୍ରାପ୍ତି ପାଇଁ ଧନ ପ୍ରଧାନ ପ୍ରତିବନ୍ଧକ । ଧନ ମୋହରେ ମଣିଷ ପଡ଼େ । ଭୁଲ୍‌କୁ ଠିକ୍‌ବୋଲି ବିଚାର କରେ । ଧନବଳରେ ଅନ୍ୟାୟ ନ୍ୟାୟରେ ପରିଣତ ହୁଏ । ଦୋଷୀ ଖସିଯାଏ; ନିର୍ଦ୍ଦୋଷ ଦଣ୍ଡିତ ହୁଏ । ଧଳାକୁ କଳା କରିବାର ଶକ୍ତି ଧନର ଅଛି ।

ଧନ ସ୍ଥିର ନୁହେଁ । ଆଜି ଅଛି, କାଲିକି ନଥିବ । ସମୟକ୍ରମେ ବହୁତଳ ପ୍ରାସାଦ ମାଟିରେ ମିଶିଯିବ । ମାଲିମକଦ୍ଦମାରେ ଛନ୍ଦିହୋଇ ସର୍ବସ୍ୱାନ୍ତ ହେବାକୁ ପଡ଼ିବ, ତେଣୁ ମୋର ମୋର କହୁଥିବା ଅର୍ଜିତ ଧନ ତା'ର ନୁହେଁ । କବି ଭକ୍ତଚରଣ ଏହି ଉକ୍ତିର ପ୍ରାସଙ୍ଗିକତା ଉପସ୍ଥାପନା କରିବାକୁ ଯାଇ ଦେହର ନଶ୍ୱରତା ପ୍ରତିପାଦନ କରି, ଯେଉଁ ଶରୀର ଯୋଗୁ ଲୋକ ଧନ ସଂପତ୍ତି ରୋଜଗାର କରେ ସେ ଶରୀର ତାର ନୁହେଁ । ତାକୁ ଅଜର ଅମର କରିବା ପାଇଁ ତା'ର ଶକ୍ତି ସାମର୍ଥ୍ୟ ନାହିଁ । ପଞ୍ଚଭୂତରେ ଗଠିତ ଶରୀର ମାଟି, ପାଣି, ଅଗ୍ନି, ପବନ ଓ ଶୂନ୍ୟରେ ଲୀନ ଦେହ । ଦେହାଭିମାନ ଲୋପ ପାଉଥିଲାବେଳେ ଧନାଭିମାନର ଅସ୍ତିତ୍ୱ ଅଚିନ୍ତନୀୟ ।

ମୃତ୍ୟୁ ତ ଜନ୍ମ ସାଥିରେ ଆସିଛି । ଜନ୍ମ ଆଉ ମୃତ୍ୟୁ ଦୁଇ ସହୋଦର । କେହି କାହାକୁ ଛାଡ଼ି ରହିପାରନ୍ତି ନାହିଁ । ମଣିଷ ଦେଖୁଛି, ପ୍ରତିଦିନ ଲୋକ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ମରୁଛନ୍ତି । କେତେ ସାଙ୍ଗସାଥୀ ତାକୁ ଛାଡ଼ି ଚାଲିଗଲେଣି । ତଥାପି ମରଣ-ଚିନ୍ତା ତା'ର ଆସୁନି । ଧନ ସଂପତ୍ତିର ମାୟାରେ ଛନ୍ଦିହୋଇ ମଣିଷ ନିଜକୁ ଅଜର ଅମର ମନେକରୁଛି । ହାୟ, କି ନିର୍ବୋଧତା ! ଏହି ପରିପ୍ରେକ୍ଷୀରେ ଧର୍ମରାଜ ଯୁଧିଷ୍ଠିରଙ୍କର ଉତ୍ତର ବିଚାରଣୀୟ -

"ଅହନି ଅହନି ଭୂତାନି ଗଚ୍ଛନ୍ତି ଯମମନ୍ଦିରମ୍
ଶେଷାଃ ଜୀବିତୁମିଚ୍ଛନ୍ତି କିମାଶ୍ଚର୍ଯ୍ୟମତଃ ପରମ୍ ।"

ମୂର୍ଖ, ଅବିବେକ ଲୋକ ହିଁ ଚିରଦିନ ବଂଚିରହିବାର ଅଭିଳାଷ ପୋଷଣ କରେ । ମର୍ତ୍ତ୍ୟରେ ଅମର ହେବା ବୃଥା ।

ଥିଲେ ଏ ସଂସାରରେ ଯେତେ ନୃପତି
ଥୟ କରି କେ ଭୋଗ କଲାଏ ପୃଥ୍ୱୀରେ ।
ଥୋଇଲା ଧନ ତୋର ଖଣ୍ଟ ଖାଇବେ
ଥାନେ ତୋହର ଘର କରି ରହିବେ ରେ ।

କବି ଆଲୋଚନା ପ୍ରସଙ୍ଗରେ ପୁନଶ୍ଚ ସଂସାରର ଅନିତ୍ୟତା, ମୃତ୍ୟୁର ଅନିବାର୍ଯ୍ୟତା ସମ୍ବନ୍ଧରେ ଆଲୋକପାତ କରାଇଅଛନ୍ତି । ଏ ପୃଥିବୀ ସମସ୍ତଙ୍କର ବାସସ୍ଥାନ । ଧନୀଦରିଦ୍ର, ରାଜାପ୍ରଜା, ବାଳବୃଦ୍ଧ, ପୁରୁଷସ୍ତ୍ରୀ ତଥା ମନୁଷ୍ୟେତର ପ୍ରାଣୀ ଓ ଉଦ୍ଭିଦମାନଙ୍କୁ ଧରା ବକ୍ଷରେ ଧାରଣ କରିଛି । ବିରାଟକାୟ ହସ୍ତୀଠାରୁ ଆରମ୍ଭକରି କ୍ଷୁଦ୍ର ପିପୀଲିକା ପର୍ଯ୍ୟନ୍ତ ଏ ପୃଥିବୀରେ ବାସ କରୁଛନ୍ତି । ସମସ୍ତେ ମୃତ୍ୟୁର ଅଧୀନ ।

ଏ ପୃଥିବୀରେ ବହୁ ସଭ୍ୟତାର ଉତ୍‌ଥାନପତନ ଘଟିଛି । ରଘୁ, ରାମଚନ୍ଦ୍ର, ଯୁଧିଷ୍ଠିରଙ୍କ ପରି ଧାର୍ମିକ, ପ୍ରଜାବତ୍ସଳ ରାଜା ରାଜ୍ୟଶାସନ କରି ବିଦାୟ ନେଇଛନ୍ତି । ରାବଣ, ଦୁର୍ଯ୍ୟୋଧନ, ମୁର, ବଳିଙ୍କ ପରି ଅମିତ ଶକ୍ତିଶାଳୀ ନରପତିମାନେ ସମୟକ୍ରମେ ମୃତ୍ୟୁବରଣ କରିଛନ୍ତି । ପାର୍ବତୀ କାବ୍ୟରେ ଏହି ପ୍ରସଙ୍ଗର ବର୍ଣ୍ଣନାଟି ଦ୍ରଷ୍ଟବ୍ୟ –

"କାଳଗର୍ଭେ ଭବେ ଲୀନ ହେଲେ କେତେ
ମହୀପତି ମହାଯଶା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ହୋଇଅଛି ଯାଙ୍କ ଜୀର୍ଣ୍ଣସୌଧ ଏବେ
ବ୍ୟାଘ୍ର-ଭଲ୍ଲୁକର ବସା ।"

କେହି ସବୁଦିନ ପାଇଁ ସ୍ଥାୟୀଭାବରେ ରହିନାହାନ୍ତି । ମରଣ ସମସ୍ତଙ୍କୁ କବଳିତ କରିଛି । ଏଣୁ ସାଧାରଣ ମଣିଷ ଚିରଦିନ ବଞ୍ଚିରହିବାର ଆଶାପୋଷଣ କରିବା ବିଡ଼ମ୍ବନା ମାତ୍ର । ଏହି ପ୍ରସଙ୍ଗରେ କବିବରଙ୍କ ଅମର ବାଣୀ ଆମର ଧ୍ୟେୟ ହେବା ଉଚିତ ।

"କେହି ରହିନାହିଁ ରହିବେ ନାହିଁଟି
ଭବରଙ୍ଗ ଭୂମିତଳେ
ସର୍ବେ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳବଳେ ।"

ଜୀବନରେ ଧନର ଉପାଦେୟତା ଯଥେଷ୍ଟ । ଧନ ନଥିଲେ ଜୀବନଯାତ୍ରା ଅଚଳ ହୋଇଯାଏ । ଧନହୀନ ଲୋକ ବହୁ ଦୁଃଖରେ କାଳକାଟେ । ଧନୀ ଧନବଳରେ ବିଳାସବ୍ୟସନରେ କାଳାତିପାତ କରେ । ଧନର ପ୍ରଭାବ, ମହତ୍ତ୍ୱ ଯଥେଷ୍ଟ ।

ଧନ ବିନିଯୋଗର ତିନୋଟି ଦିଗ ରହିଛି । "ଦାନଂ ଭୋଗଃନାଶସ୍ତିସ୍ରୋ ଗତୟୋ ଭବନ୍ତି ଦିତ୍ତସ୍ୟ, ଯୋ ନ ଦଦାତି ନ ଭୁଙ୍କ୍ତେ ତସ୍ୟ ତୃତୀୟାଗତିର୍ଭବତି ।" ପ୍ରକୃତରେ ଏହି ଶ୍ଲୋକଟି ମଧ୍ୟରେ ମହାନ୍ ସତ୍ୟ ଲୁଚି ରହିଛି । ଧନର ସାର୍ଥକତା ଦାନ ଦେବାରେ ହିଁ ପ୍ରଯୁଜ୍ୟ । ଧନ ଥିଲେ ଘର ପରିଚାଳନା, ବ୍ୟକ୍ତିଗତ ସୁଖସ୍ୱାର୍ଥ ପାଇଁ ଉପଯୋଗ କରିବାକୁ ହୁଏ । ଏ ଦୁଇଟି କ୍ଷେତ୍ରରେ ଧନର ସଦ୍‌ବ୍ୟବହାର ନହେଲେ ତାହା ନଷ୍ଟ ହୁଏ । କେତେବେଳେ ସଂଚିତ ଧନ ଚୋର ଦ୍ୱାରା ଅପହୃତ ହୁଏତ କେବେ ବା ଅଗ୍ନିଦାହରେ ଭସ୍ମୀଭୂତ ହୁଏ । ବ୍ୟାଧିରେ ମଧ୍ୟ ଧନ ବ୍ୟୟ ହୁଏ, ସମୟ ଆସିଲେ ଖଣ୍ଡଙ୍କ ହାବୁଡ଼ରେ ପଡ଼େ । ତେଣୁ ଧନକୁ କେବଳ ସାଇତି ରଖିଲେ ତାହା ଯଥୋଚିତ କାର୍ଯ୍ୟରେ ଲାଗିନଥାଏ । ଜୀବନ ପରି ଧନ ମଧ୍ୟ କ୍ଷଣିକ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଏଣୁ ଜୀବନ ଓ ଧନର ଯଥାର୍ଥ ମୂଲ୍ୟବୋଧ ଓ ଉପଯୋଗପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି । ପୁଣି ମୃତ୍ୟୁଘରେ ବାସଗୃହଟିରେ କିଏ ରହିବ ତାହା ମଧ୍ୟ ଜାଣିବାର ନାହିଁ । ଅଜସ୍ର ଅର୍ଥରେ ନିର୍ମିତ ଗୃହ ପରହାତରେ ପଡ଼ିବ । ଚୋର, ଖଣ୍ଡ, ବଦମାସ ବି ସେଠାରେ ରହିପାରନ୍ତି । ସୁତରାଂ ଧନପରି ବାସସ୍ଥାନଟି ମଧ୍ୟ ନିଜର ନୁହେଁ । ସେଥିପ୍ରତି ଆତ୍ୟନ୍ତିକ ଆସକ୍ତି ଅନୁଚିତ ।

ଦେହେ ପୂରିଛି ତୋର ବିଶେଷ ରୋଗ
ଦିନ ଚାରିକି ସିନା ଏ ସୁଖଭୋଗ ରେ ।
ଦଣ୍ଡେ ହେଁ କେହି ତୋତେ ରଖିବେ ନାହିଁ
ଦଣ୍ଡୁ ଯେ ଥିବେ ଯମ ଡଗର ନେଇରେ ।

ମନୁଷ୍ୟ ଜୀବନ କେବଳ ଗୋଲାପର ଶଯ୍ୟା ନୁହେଁ । ସୁଖଭୋଗ ତା'ର ଚିରନ୍ତନ ଅଧିକାର ନୁହେଁ । ସାଧାରଣଭାବରେ ଧନସଂପତ୍ତି ଘରଦ୍ୱାରକୁ ମଣିଷ ସୁଖ ବୋଲି ବିଚାରିଥାଏ । ବାସ୍ତବିକ ତାହା ଦୁଃଖ, କବିବର ରାଧାନାଥ ରାୟଙ୍କ ଉକ୍ତିଟି ସ୍ମରଣ କରାଇ ଦିଏ –

"ସୁଖ ବୋଲି ଯାହା ଜନନେତ୍ରେ ଦିଶେ
ହାତୁଁ ଆସେ ହାତେ ପଡ଼ିବା ପାଇଁ ସେ ।
ସୁଖ ନୁହଁଇ ସେ ଅଟଇଟି ଧୂମ
ଅନ୍ୟ ନାମ ତା'ର ଆକାଶ କୁସୁମ ।"

ସଂସାରରେ ସର୍ବତ୍ର ଦୁଃଖ-ଅଶାନ୍ତିର ଦାବାନଳ ଜଳୁଛି । ତା'ରି ଭିତରେ ମଣିଷ ଛଟପଟ ହେଉଛି । ଏଇ ଦୁଃଖଭୋଗର ମୂଳ କାରଣ ହେଉଛି ଦେହ । ଏ ଶରୀର ରୋଗର ଘର । ଏଣୁ ଶରୀରର ଅନ୍ୟ ନାମ ରୋଗ-ଭୂ ଅର୍ଥାତ୍ ରୋଗର ଘର । ଅନ୍ୟଭାଷାରେ 'ଶରୀରଂ ବ୍ୟାଧିମନ୍ଦିରମ୍' । ପୁଣି ପାଣି ଥିଲେ ଯେପରି ମାଛ ଥାଏ, ସେପରି ଶରୀର ଥିଲେ ରୋଗ ଅଛି । ରୋଗଯନ୍ତ୍ରଣାଜନିତ କଷ୍ଟରେ ଉପଭୋଗ କରିଥିବା ସ୍ୱଳ୍ପସୁଖ ଶୂନ୍ୟରେ ମିଳାଇଯାଏ । ତେଣୁ ଜୀବନରେ ଶାଶ୍ୱତ ସୁଖଶାନ୍ତି ପାଇବା ଆକାଶକୁସୁମ ମାତ୍ର । ଏ ପ୍ରସଙ୍ଗରେ କବିବାଣୀ ମନେ ପଡ଼େ –

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

"ଶାନ୍ତି କାହିଁରେ ଶାନ୍ତି କାହିଁ
ଯେ ଦିଗେ ଚାହିଁଲି ଶାନ୍ତି ନାହିଁ
ଅଶାନ୍ତିର ଏଇ ମରୁଭୂମିଟାରେ
ଶାନ୍ତି ଖୋଜିବା ବୃଥା ଭାଇ ।"

ଅତଏବ ଅଶାନ୍ତିରେ କାଳଯାପନ କରିବା ଅପେକ୍ଷା ଶାନ୍ତିର ପଥ ଖୋଜିବା ଉଚିତ । ମୃତ୍ୟୁ ତ ଅନିବାର୍ଯ୍ୟ । ଯଥା ସମୟରେ ସେ ଆସି ପହଞ୍ଚିଯିବ । ବାକିଥିବା କାମ ସାରିଦେଇ ଯିବାକୁ କହିଲେ ମଧ୍ୟ ମୃତ୍ୟୁ ଶୁଣିବ ନାହିଁ । ଅପେକ୍ଷା କରିବାକୁ ମୁହୂର୍ତ୍ତେ କ'ଣ ଆଖିପଲକପାତର ସମୟ ଦେବ ନାହିଁ । ପ୍ରାଣ ଚାଲିଗଲା ପରେ ଜୀବାତ୍ମାକୁ କୁକର୍ମ ପାଇଁ ଯମପୁରରେ ଦଣ୍ଡଭୋଗିବାକୁ ପଡ଼େ । ଦଣ୍ଡ ଦେବା ପାଇଁ ଡଗର ବା ଦଣ୍ଡପ୍ରଦାନକାରୀ କର୍ମଚାରୀମାନେ ଅଛନ୍ତି । ତେଣୁ ଭୌତିକ ସୁଖରେ ନ ମଜ୍ଜି, କୁକର୍ମ ନକରି ସତ୍‌କର୍ମ ଓ ଆଧ୍ୟାତ୍ମିକ ଭାବରେ ସମର୍ପିତ ହେବା ବାଞ୍ଛନୀୟ ।

ଧର୍ମ ଅଧର୍ମ କଥା ନଜାଣୁ ତୁହି
ଧନ୍ଦି ହେଉଛୁ ଧନ ଅର୍ଜିବା ପାଇଁ ରେ ।
ଧୋକା ରଖିଲେ ଧନ୍ଦା ଫିଟିବ ନାହିଁ
ଧର୍ମରେ ଆତଯାତ ହେଉଛି ମହୀ ରେ ।

ସଂସାରରେ ପ୍ରତ୍ୟେକ କାର୍ଯ୍ୟର ଭଲ ଓ ମନ୍ଦ ଦୁଇଟି ଦିଗ ରହିଛି । ଭଲ ଓ ମନ୍ଦକୁ ନେଇ ଦୁଇ ଶ୍ରେଣୀର ମଣିଷ ମଧ୍ୟ ଅଛନ୍ତି । କେହି ଭଲ କାମ କରୁଛି ତ କେହି ମନ୍ଦ କାର୍ଯ୍ୟରେ ଲିପ୍ତ ରହୁଛି । ମନୁଷ୍ୟ ଶ୍ରେଷ୍ଠ ପ୍ରାଣୀ ହେତୁ ସେ ବିବେକ, ବିଚାରବୁଦ୍ଧି ଓ ଜ୍ଞାନର ସାହାଯ୍ୟ ନେଇ କାର୍ଯ୍ୟ କରିବା ଉଚିତ । ମହାଜନମାନଙ୍କ ପ୍ରଦର୍ଶିତ ପନ୍ଥା ଅନୁସରଣ କରିବା ଉଚିତ । ନ୍ୟାୟ-ଅନ୍ୟାୟ, ପାପପୁଣ୍ୟ, ଧର୍ମ-ଅଧର୍ମ ବିଚାର କରି କାମ କଲେ ମନୁଷ୍ୟତାର ପ୍ରମାଣ ମିଳେ । ମନୁଷ୍ୟ ଜୀବନର ସାର୍ଥକତା ପ୍ରତିପାଦିତ ହୁଏ; ମାତ୍ର ଆଜିର ସମାଜରେ ମଣିଷ ଅନ୍ୟାୟ, ଅନୀତି, ଅଧର୍ମ, ଅଶିଷ୍ଟତା, ଅନାଚାର ଓ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଦୁଷ୍କର୍ମରେ ବୁଡ଼ିରହୁଛି । ସମାଜ ହେଉଛି ବିଶୃଙ୍ଖଳିତ । ଈଶ୍ୱର ପ୍ରଦତ୍ତ ଦ୍ରବ୍ୟଜ୍ଞାନରେ ଉପଯୋଗ ନ କରି ମଣିଷ ଅନ୍ୟାୟ, ଅନୀତି ମାର୍ଗରେ ଧନ ଅର୍ଜନରେ ମନ ଦେଉଛି । ନାନା ଫନ୍ଦିଫିକର କରି, ମଣିଷପଣିଆକୁ ବଳିଦେଇ ଧନ ଅର୍ଜନରେ ଲାଗିପଡ଼ିଛି । ସାଧାରଣ ମଣିଷ ଏଭଳି ଦୁର୍ନୀତିଖୋରଙ୍କ ଶୋଷଣର ଶିକାର ହେଉଛନ୍ତି । ମଣିଷ ଜାଣିପାରୁନି, ଅର୍ଥ ହିଁ ଅନର୍ଥର କାରଣ । ଅଧର୍ମରେ ଅର୍ଜିତ ଧନ ସୁଖ ଦେଇପାରେନାହିଁ । କୁହାଯାଇଛି –

"ଦୁଃଖେ ଅର୍ଜିତ ଯେତେ ଧନ
ସୁଖେ ସେ ନୁହେଁ ପ୍ରୟୋଜନ ।"

ସୁତରାଂ ପରକୁ ଦୁଃଖ ଦେଇ, ଦୁଃଖୀରଙ୍କୀଙ୍କ ତଣ୍ଟିଚିପି ଯେଉଁମାନେ ଧନ ରୋଜଗାର କରିଥାନ୍ତି ସେମାନେ ଉଭୟ ଐହିକ ଓ ପାରଲୌକିକ ଜୀବନରେ ସୁଖଶାନ୍ତି ପାଆନ୍ତି ନାହିଁ । କେବଳ 'ଅଧର୍ମବିତ୍ତ ବଢ଼େ ବହୁତ, ଗଲାବେଳେ ଯାଏ ମୂଳ ସହିତ' ଉକ୍ତିଟି ସାର୍ଥକ ହୁଏ ।

ଆଜି ଦେଖାଯାଉଛି, ଲୋକମାନେ ଧର୍ମପଥରୁ ବିଚ୍ୟୁତ । ଧର୍ମପ୍ରତି ଅନାସକ୍ତ, ଅବିଶ୍ୱାସ ଭାବ ମଣିଷକୁ କୁକର୍ମ ପ୍ରତି ଲାଳାୟିତ କରୁଛି । ସେ ଜାଣି ରଖିବା ଉଚିତ୍; ଧର୍ମରେ ଧରା ରହିଛି, ସୂର୍ଯ୍ୟଚନ୍ଦ୍ର କିରଣ ଦେଉଛନ୍ତି, ଦିନରାତି ହେଉଛି, ନଦୀ ଜଳ ଦେଉଛି, ମେଘ ବର୍ଷୁଛି ଓ ପୃଥିବୀରେ ମଣିଷ ପାଇଁ ଫସଲ ଉତ୍ପନ୍ନ ହେଉଛି । ତେଣୁ ଧର୍ମ ଓ ଈଶ୍ୱରଙ୍କ ପ୍ରତି ସଂଶୟ ବା ଦ୍ୱିଧାଭାବ ରଖିଲେ ମଣିଷର ଆତ୍ମିକ ଉନ୍ନତି ହୋଇ ପାରିବ ନାହିଁ । ସେ ସର୍ବଦା ଜଞ୍ଜାଳଜାଲରେ ଛନ୍ଦିହୋଇ ସ୍ୱାର୍ଥସାଧନରେ ବ୍ୟସ୍ତ ରହିବ । ମୁକ୍ତିର ମାର୍ଗ ତାକୁ ଦିଶିବ ନାହିଁ । ମନେରଖିବାକୁ ହେବ, ଈଶ୍ୱର ବିଶ୍ୱାସ ହିଁ ସକଳ ଉନ୍ନତିର ମୂଳ, ଅବିଶ୍ୱାସ ଜୀବନର ପତନ ଘଟାଏ । ବ୍ୟକ୍ତିକୁ ନରକାଭିମୁଖୀ କରାଏ । ମନେ ରଖିବାକୁ ହେବ, "ବିଶ୍ୱାସେ ମିଳଇ ହରି ତର୍କେ ବହୁଦୂର ।"

Dr. Urmila Sharma Collection, Varanasi

CC0. In Public Domain, Digitizaqtion by eGangotri

ନିନ୍ଦିତ କର୍ମ କଲେ ନିନ୍ଦା ପାଇବୁ
ନରକେ ପଡ଼ି କେତେ ଦୁଃଖ ସହିବୁରେ ।
ନିମିଷେ ମାତ୍ର ମୁଖେ ନ ବୋଲୁ ହରି
ନାଶ ହେତୁକୁ କିମ୍ପା ଅଛୁ ଆବୋରି ରେ ।

କର୍ମ ଅନୁସାରେ ମଣିଷ ଜୀବନରେ ନିନ୍ଦା ବା ପ୍ରଶଂସା ପାଏ । ନିନ୍ଦିତ ବା କୁକର୍ମ ଦ୍ୱାରା ଲୋକର ପତନ ଘଟେ । ଚୋରିକରିବା, ଶୋଷଣ କରିବା, ଅନ୍ୟ ମନରେ ଆଘାତ ଦେବା, ଧର୍ଷଣ, ଲୁଣ୍ଠନ ଆଦି ଯାବତୀୟ ଅମାନବୀୟ କର୍ମ ହେଉଛି ନିନ୍ଦିତ କର୍ମ । ଯେ କୌଣସି ପ୍ରକାରେ ଅନ୍ୟର କ୍ଷତିସାଧନ କରିବା ଖରାପ କାମ । ଖରାପ କାମ କଲେ ଜଗତରେ ନିନ୍ଦାର ବାଜଣା ବାଜେ । ଅପଖ୍ୟାତି ମୃତ୍ୟୁ ସହିତ ସମାନ । ନରକ ଯନ୍ତ୍ରଣାରୁ ବଳି ଦୁଃଖଦାୟକ ।

କ୍ରିୟାର ପ୍ରତିକ୍ରିୟା ଥାଏ । ଖରାପ କାମର ଫଳ ମଧ୍ୟ ଖରାପ । ମନ୍ଦ କାର୍ଯ୍ୟ କରୁଥିବା ଲୋକ ପାପୀ । ପାପୀମାନଙ୍କର ସ୍ଥାନ ନରକ । ଏହା ଦୁଃଖ ବା ପାପଭୋଗର ସ୍ଥାନ । ପାପର ମାତ୍ରା ଅନୁସାରେ ପାପୀମାନଙ୍କ ନିମିତ୍ତ ବିଭିନ୍ନ ନରକର ବ୍ୟବସ୍ଥା କରାଯାଇଛି । ମନୁଙ୍କ ମତରେ ନରକର ସଂଖ୍ୟା ୨୧ । ମାତ୍ର ପୁରାଣମାନଙ୍କରେ ଏହାଠାରୁ ଅଧିକ ସଂଖ୍ୟକ ନରକର ବର୍ଣ୍ଣନା ରହିଛି । ମହାପାପୀମାନଙ୍କ ପାଇଁ ରୌରବ ଓ କୁମ୍ଭୀପାକ ଭଳି ଯନ୍ତ୍ରଣାଦାୟକ ନିରୟ (ନରକ) ଅଛି । ନରକ ଯନ୍ତ୍ରଣାର ଭୀଷଣତା ରୋମହର୍ଷକ । ଯେଉଁମାନେ ଜୀବନକାଳ ମଧ୍ୟରେ ଜଞ୍ଜାଳଲିପ୍ତ ରହି ନିମିଷକ ପାଇଁ ମୁଖରେ ହରିନାମ ଉଚ୍ଚାରଣ କରିନାହାନ୍ତି ସେମାନେ ତ ବାସ୍ତବରେ ଦ୍ୱିପଦବିଶିଷ୍ଟ ମନୁଷ୍ୟ ଦେହଧାରୀ ପଶୁ । ସେମାନଙ୍କଠାରୁ ବଳି ପାପୀ ଆଉ କେହି ନାହିଁ । ଏଭଳି ଲୋକମାନେ ନାନା କୁତ୍ସିତ କର୍ମକରି ନିଜ ମୃତ୍ୟୁର କାରଣ ହୋଇଥାନ୍ତି । ମୃତ୍ୟୁ ତ ସମସ୍ତଙ୍କର ହେବ । ଯେଉଁ ମୃତ୍ୟୁରେ ଲୋକମାନେ ସମ୍ବେଦନା ଜଣାନ୍ତି, ମୃତକର ଗୁଣଗ୍ରାମର ପ୍ରଶଂସା କରନ୍ତି ସେ ମୃତ୍ୟୁ ସାର୍ଥକ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ମୃତ୍ୟୁ । ସେଭଳି ଲୋକର ସ୍ୱର୍ଗପ୍ରାପ୍ତି ହୁଏ । ଅପରପକ୍ଷରେ ନିନ୍ଦିତ କର୍ମ କରି ମରିଥିବା ଲୋକର ଚତୁର୍ଦ୍ଦଗରେ ନିନ୍ଦା ରଟିତ ହୁଏ । ତାର ହିଁ ନରକବାସ ହୁଏ ।

ପାହିଲେ ନିଶି ଯେହ୍ନେ ରବି ଉଦୟ
ପଦ୍ମଲୋଚନ ସବୁ ଦେହେ ଉଦୟରେ ।
ପ୍ରଭୁଙ୍କୁ ଆଶ୍ରେ କରି ତରିବୁ ଯେବେ
ପାଦପଦ୍ମରେ ଚିତ୍ତ ଦିଅତୁ ଏବେ ରେ ।

ଯାହାର ସୃଷ୍ଟି, ତାହାର ସ୍ଥିତି ସବୁଠି । ସେ ସର୍ବବ୍ୟାପକ । ମନୁଷ୍ୟ ଦେହରେ ପଦ୍ମଲୋଚନ ପରମେଶ୍ୱରଙ୍କର ଅବସ୍ଥାନ । କାରଣ ସେ ପରମ ସତ୍ତାର ଅଂଶ ନେଇ ଜନ୍ମନେଇଛି । ମାୟାମୁଗ୍ଧ ମନୁଷ୍ୟ ତାଙ୍କର ସତ୍ତାକୁ ସହଜରେ ଉପଲବ୍ଧି କରିପାରେନି । ଅଜ୍ଞାନତା ଓ ପ୍ରଭୁ-ଜିଜ୍ଞାସାର ଅଭାବରୁ ତା'ର ମନୋରାଜ୍ୟ ଅନ୍ଧକାରରେ ଆଚ୍ଛନ୍ନ ଥାଏ । ଅହରହ ବିଭୁଚେତନାରେ ଉଦ୍‌ବୁଦ୍ଧ ହେଲେ, ପ୍ରଭୁଙ୍କ କଥା ଶ୍ରବଣ ଓ ନାମକୀର୍ତ୍ତନରେ ମନୋନିବେଶ କଲେ ଐଶ୍ୱରିକ ଚେତନାର ଉଦ୍ରେକ ହେବ । ହୃଦରାଜ୍ୟ ଦିବ୍ୟଜ୍ୟୋତିରେ ଉଦ୍‌ଭାସିତ ହୋଇଉଠିବ; ଯେପରି ସୂର୍ଯ୍ୟୋଦୟରେ ରାତ୍ରିର ଅନ୍ଧକାର ଅପସରି ଯାଏ ।

ଅନ୍ଧକାର ଦୂର କରିବା ପାଇଁ ଆଲୋକର ଆବଶ୍ୟକତା ଥାଏ । ଠିକ୍ ସେହିପରି ମାନବ ହୃଦୟ ଓ ମନର ଉଦ୍‌ବେଗ, ଆବିଳତା, ଲୋଲୁପତା ଓ ଦୁର୍ଗୁଣ ପ୍ରଭୃତି ତମସାର ଦୂରୀକରଣ ନିମିତ୍ତ ଈଶ୍ୱରପ୍ରାଣତା ରୂପକ ଆଲୋକ ଦରକାର । ଏହାଦ୍ୱାରା ପରମେଶ୍ୱରଙ୍କର ସ୍ଥିତି ଅନୁଭୂତ ହେବ ।

ମନୁଷ୍ୟ କଳିକଳୁଷରେ ଜର୍ଜରିତ । ଦୁଃଖ ଯନ୍ତ୍ରଣାରେ ଦଗ୍‌ଧୀଭୂତ । ଏଭଳି ଦୁଃସହ ଦୁଃଖପୂର୍ଣ୍ଣ ସଂସାରରୁ ଉଦ୍ଧାର ପାଇଁ ପ୍ରଭୁଙ୍କର ଆଶ୍ରୟ ନେବା ଉଚିତ । ପ୍ରଭୁଙ୍କର ଚରଣକମଳରେ ମନପ୍ରାଣ ଢାଳିଦେଇ ବୁଡ଼ି ଯାଉଥିବା ପାପପଙ୍କରୁ ମନୁଷ୍ୟ ରକ୍ଷା ପାଇଯିବ । କବିଙ୍କ ଭାଷାରେ –

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

"ହରି ନାମ ରଟିଲେ ଖଣ୍ଡେ ବିପତ୍ତି
ପ୍ରଭୁ ଆଶ୍ରୟ ବିନା କାହିଁ ମୁକତି ?
ହୃଦ-କମଳେ କର ହରିଦର୍ଶନ
ହରି ହରିବେ ନିଶ୍ଚେ ଭବବନ୍ଧନ ।"

ଫୁଲ ଯେସନେ ଫୁଲେ ଫୁଲେ ବିହରେ
ଫୁଲ ସମୀରେ ଆଉ ନ ଦିଶେ ତାରେ ଯେ ।
ଫଳ ସଂସାରେ ଲାଭ ହରିଭଜନ
ଫାଶ ଗଳାକୁ କିମ୍ପା କରୁଛୁ ଧନରେ ।

ମନୁଷ୍ୟ ପରି ଫୁଲ ମଧ୍ୟ ଈଶ୍ୱରଙ୍କର ଅପୂର୍ବ ସୃଷ୍ଟି । ଫୁଲରେ ଅଛି ସୌରଭ, ସୌନ୍ଦର୍ଯ୍ୟ ଓ ସ୍ନିଗ୍ଧତା । ଏସବୁ ଅତ୍ୟନ୍ତ ଲୋଭନୀୟ ଓ ଆକର୍ଷଣୀୟ । ପ୍ରତ୍ୟେକ ଫୁଲରେ 'ଫୁଲ' ଅର୍ଥାତ୍ ସୌରଭ ବା ସୁବାସ ଖେଳିବୁଲୁଥାଏ । 'ସୁଗନ୍ଧ' ପବନର ସଂସ୍ପର୍ଶରେ ଆସିଲେ ଚତୁର୍ଦ୍ଦିଗକୁ ବିଚ୍ଛୁରିତ ହୋଇଥାଏ; ମାତ୍ର ପବନରେ ସେହି ମହକ ଦୃଶ୍ୟ ନୁହେଁ ।

ସେହିପରି ପ୍ରତ୍ୟେକ ମଣିଷଠାରେ ଈଶ୍ୱରସତ୍ତା ବିଦ୍ୟମାନ । ଏହି ଈଶ୍ୱର-ସତ୍ତା ଆତ୍ମା ବା ଜୀବାତ୍ମା । ଏହା ଯୋଗୁ ମନୁଷ୍ୟ ଜୀବନ୍ତ । ଏହା ସାଧାରଣ ମନୁଷ୍ୟର ଚର୍ମଚକ୍ଷୁରେ ଅଦୃଶ୍ୟ । ଭକ୍ତି, ସାଧନା, ଈଶ୍ୱରପ୍ରାଣତା ବଳରେ ବ୍ୟକ୍ତି ନିଜ ହୃଦସିଂହାସନରେ ସେହି ଐଶ୍ୱରିକ ସତ୍ତାକୁ ଜ୍ଞାନନେତ୍ରରେ କେବଳ ଦେଖିପାରେ । ଏହି ଅଦୃଶ୍ୟ, ଅଚ୍ଛେଦ୍ୟ, ଅଶୋଷ୍ୟ ଓ ଅବ୍ୟକ୍ତ ତତ୍ତ୍ୱ କେବଳ ଅନୁଭବ୍ୟ ।

କସ୍ତୁରୀ ମୃଗର ନାଭିଦେଶରେ କସ୍ତୁରୀ ଥିଲେ ମଧ୍ୟ ମୃଗ ତାହା ଜାଣିପାରେ ନାହିଁ; ସେ କେବଳ ଘୂରି ବୁଲୁଥାଏ । ସେହିପରି ମନୁଷ୍ୟ ନିଜର ଅଭ୍ୟନ୍ତରରେ ବିରାଜମାନ ପରମେଶ୍ୱରଙ୍କୁ ନ ଖୋଜି ବୃଥା ଶ୍ରମ କରୁଥାଏ । ତେଣୁ ପ୍ରଭୁଙ୍କ ଦର୍ଶନ ପାଇଁ ଭଜନ ଦରକାର । ଏ ସଂସାରରେ ହରିଭଜନର

Dr. Urmila Sharma Collection, Varanasi

CC0. In Public Domain,.Digitizagtion by eGangotri

ଫଳ କେବଳ ସୁଖଶାନ୍ତି ସନ୍ତୋଷଦାୟକ । ହରିଙ୍କୁ ଛାଡ଼ି ତରିବାର ବାଟ ନାହିଁ । ଅନ୍ୟ ସକଳ ଭୌତିକ କର୍ମ କେବଳ ଇନ୍ଦ୍ରିୟତୃପ୍ତିବିଧାୟକ ସୁଖ । ସେଥିରେ କେବଳ ଆତ୍ମ-ଅକଲ୍ୟାଣକର ବୀଜ ରହିଛି । ନିଜ ଗଳାରେ ନିଜେ ଦଉଡ଼ି ଦେବା ଯାହା, ହରିପ୍ରେମ, ଭଜନ ଛାଡ଼ିବା ତାହା । କବି ଭକ୍ତଚରଣ ହରିଭଜନ ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ବେଳକୁ ବେଳ ତୋତେ କହୁଛି ମୁହିଁ
ବାନ୍ଧିଣ ନେବେ ଯମ କି ଦୁଃଖ ଦେଇରେ ।
ବିକଳେ ବାହୁଥିବୁ ଆକୁଳ ହୋଇ
ବେଳହୁଁ ଆଶ୍ରେକରି ଭଜଗୋସାଇଁ ରେ ।

କଳିକଳୁଷତାପଦଗ୍ଧ ମଣିଷ ପାଇଁ ଭକ୍ତଚରଣଙ୍କ ପ୍ରାଣରେ ଦେଖାଦେଇଛି ଗଭୀର ଆତୁରତା ଓ ସହାନୁଭୂତିଶୀଳତା । ଅସତ୍‌ମାର୍ଗରେ ଗତିଶୀଳ ସମାଜକୁ ସତ୍‌ମାର୍ଗକୁ ଆଣିବା ପାଇଁ କବିଙ୍କର ଏହି ବ୍ୟାକୁଳତା । ପଥଭ୍ରଷ୍ଟ ମନୁଷ୍ୟକୁ ସତ୍‌ପଥକୁ ଆସିବା ପାଇଁ ସଦାସର୍ବଦା ଜାଗ୍ରତ କରାଇଛନ୍ତି । ଦୁଃଖର ଅତଳସାଗରରୁ ଉଦ୍ଧାର ପାଇବା ନିମିତ୍ତ ପ୍ରଭୁଭଜନର ଆବଶ୍ୟକତା ରହିଛି । କାରଣ ମୃତ୍ୟୁତ ନିଶ୍ଚିତ । ଯମ ଆସି ମୃତାତ୍ମାକୁ ବାନ୍ଧିନେବେ । ଦୁଷ୍କର୍ମ ପାଇଁ ଅବଶ୍ୟ ଦଣ୍ଡ ଭୋଗିବାକୁ ପଡ଼ିବ । ଯମପୁରରେ ନିର୍ବାକ୍ ହୋଇ କେବଳ ଦେଖିବା ସାର ହେବ । ଉଦ୍ଧାର ପାଇବାର ଶକ୍ତିସାମର୍ଥ୍ୟ ନଥିବ । କୃତକର୍ମପାଇଁ ବିକଳରେ ଯେତେ କାନ୍ଦିଲେ ମଧ୍ୟ କେହି ଶୁଣିବାକୁ ନଥିବେ । ତାହାର ତୁଣ୍ଡରୁ ଆହା ବୋଲି ପଦେ ବାହାରିବ ନାହିଁ । ସେହି ବିକଳ ଓ ଦୁଃଖଦାୟକ ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ମୃତ୍ୟୁ ପୂର୍ବରୁ ଯତ୍ନବାନ ଉଚିତ । ରୋଗ ବଢ଼ିଯିବାପରେ ଉପଚାର କଲେ ଫଳ ମିଳେନି । ସେହପରି ଜୀବନ ଯିବା ପୂର୍ବରୁ ଯମଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ହରିନାମ, ହରିପ୍ରୀତି ରୂପକ ପ୍ରତିଷେଧକ ଗ୍ରହଣ କରିବା ଉଚିତ । ଜୀବନ ତ ପ୍ରଭୁଙ୍କର । ଜୀବନସୂର୍ଯ୍ୟ ଅସ୍ତ ହେବା ପୂର୍ବରୁ ପ୍ରଭୁଭାବରେ ନିମଜ୍ଜିତ ହେବା ଦରକାର ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

କବିଙ୍କର ଏହି ସତର୍କତାମୂଳକ ଉପଦେଶ ସମସ୍ତଙ୍କର ସ୍ମରଣରେ ଆସିବା ଉଚିତ ।

ବ୍ରହ୍ମଜ୍ଞାନୀ ଅଚ୍ୟୁତ ମଧ୍ୟ ଭଜନ ଉପରେ ପ୍ରାଧାନ୍ୟ ଦେଇ କହିଛନ୍ତି–

"ଆରେ ଭଜମନ, ଭଜି ପାରିଲେ ପାଇବୁ ଦରଶନ ।"

ଭଜନ ହିଁ କଳିଯୁଗର ମୁକ୍ତିମାର୍ଗର ପ୍ରଧାନ ସାଧନ । ଏଥିରେ ଅର୍ଥର ବ୍ୟୟବରାଦ ହୁଏ ନାହିଁ । ବରଂ ଆତ୍ମିକ ଉନ୍ନତି ଓ ମୋକ୍ଷପ୍ରାପ୍ତି ସୁକର ହୁଏ । ଅନ୍ୟ ଉଦାହରଣ ମଧ୍ୟ ଦ୍ରଷ୍ଟବ୍ୟ –

"ଭଜମନ ଜଗନ୍ନାଥଙ୍କୁ, ନୀଳାଚଳବାସୀ ଦାରୁବ୍ରହ୍ମଙ୍କୁ ॥୦॥
ଭଜିଣ ଭୂଷଣ୍ଡ ହୋଇଲା ଅମର
ଧାୟନ୍ତି କୁବେର ବରୁଣ ଯାକୁ
ସ୍ୱର୍ଗେ ଶଚିପତି ସେ ପଦକୁ ଚିନ୍ତି
ବାସୁକି ଧାଉଛି ପାଦପଦ୍ମକୁ ।"
ଭେଳା ବୁଡ଼ିବ ହେଳା କଲେ କହୁଛି
ଭଙ୍ଗା ନାବରେ କେବା ସିନ୍ଧୁ ତରିଛି ରେ ।
ଭାବକୁ ନିକଟ ସେ ଅଭାବେ ଦୂର
ଭକତ ଦାସ ବୋଲେ ଜୀବନ ଛାର ରେ ।

କବି ଭକ୍ତଚରଣ ଜନସାଧାରଣଙ୍କୁ ଭକ୍ତିମନ୍ଦାକିନୀରେ ଆବଗାହନ କରିବା ପାଇଁ ବହୁଭାବରେ ଉପଦେଶ, ପରାମର୍ଶ ଦେଇଛନ୍ତି । 'ମନବୋଧ ଚଉତିଶା'ର ପ୍ରତ୍ୟେକ ପଦରେ ଭକ୍ତି ହିଁ ଜୀବନର ଗତି ଓ ମୁକ୍ତିର ହେତୁ ବୋଲି ସେ ଦର୍ଶାଇଛନ୍ତି । ବିଭୁପ୍ରୀତିର ପର୍ଯ୍ୟାନ୍ତର ନାହିଁ । ସେଥିରେ ମଜ୍ଜିଯିବାକୁ, ଭିଜିଯିବାକୁ ସେ ଯତ୍ନରୋନାସ୍ତି ଚେଷ୍ଟା କରିଛନ୍ତି । ତାଙ୍କ ମତରେ ଈଶ୍ୱରପ୍ରୀତିରେ ଯେ ଅନୁପ୍ରାଣିତ ନୁହେଁ ତାର ଜୀବନ ବୃଥା; ସେ ଦୁଃଖଭୋଗୀ ମଣିଷ ।

ପ୍ରତ୍ୟେକ କ୍ଷେତ୍ରରେ ସଫଳତାପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ, ପ୍ରଯତ୍ନ ଓ ସାଧନା ଦରକାର । କାର୍ଯ୍ୟକ୍ଷେତ୍ରରେ ଅବହେଳା ପ୍ରଦର୍ଶନ କାର୍ଯ୍ୟନାଶର କାରଣ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ବିଳମ୍ବତା ହିଁ ବିଫଳତାକୁ ଡାକିଆଣେ । ବିଫଳ ମଣିଷ ହିଁ ଅଶାନ୍ତିରେ କାଳକାଟେ । ବନ୍ଧ ଭାଙ୍ଗି ଜଳ ଚାଲିଯିବା ପରେ ବନ୍ଧର ମରାମତି କଥା ଚିନ୍ତା କରିବା ଯାହା ପ୍ରତ୍ୟେକ କ୍ଷେତ୍ରରେ ଯଥା-ସମୟରେ କାର୍ଯ୍ୟ ନକରି ଅସଫଳ ହେବା ତାହା । ଟ୍ରେନ ଛାଡ଼ିବା ପରେ ଷ୍ଟେସନରେ ପହଞ୍ଚିବା ଯାତ୍ରୀର ମନର ଅବସ୍ଥା ସହଜରେ ଅନୁମେୟ । ସେଥିପାଇଁ ତ କବି କହନ୍ତି,

'ବାଲ୍ୟକାଳୁ ଧର୍ମ- ଧନ ମୁଁ ସଂଚିବି
ଏ ଜୀବନ ଅନିଶ୍ଚିତ'

ଏଣୁ ଧର୍ମ ଓ ଧନ ଅର୍ଜ୍ଜନ କ୍ଷେତ୍ରରେ ବିଳମ୍ବ କରିବା ଅନୁଚିତ । ତେଣୁ ବ୍ୟକ୍ତି ସଦାସର୍ବଦା ସଚେତନ ରହିବା ଉଚିତ । ଏହି ପ୍ରସଙ୍ଗର ଅବତାରଣା କରିବା ପାଇଁ କବି ଭଙ୍ଗା ନାଆରେ ସମୁଦ୍ର ପାରିହେବା କଥା ଉଲ୍ଲେଖ କରିଛନ୍ତି । ଜରା ଆସିଲେ ଶରୀର ଅବସନ୍ନ ହୁଏ । କାର୍ଯ୍ୟକରିବାର ଶକ୍ତି ହ୍ରାସ ପାଏ । ଧର୍ମଚିନ୍ତା ଓ ସତ୍‌କର୍ମ କରିବା ପାଇଁ ମନ ବଳିବନି । ସମୟ ସୁଯୋଗ ଦେବନି ।

ମୃତ୍ୟୁ ମନୁଷ୍ୟର ଗୋଚର ନୁହେଁ । ହଠାତ୍ ଆସି ପହଞ୍ଚିଯାଏ । ଫଳତଃ ମନରେ କରିଥିବା ଯୋଜନା ଅପୂର୍ଣ୍ଣ ରହିଯାଏ । ଏଣୁ କୁହାଯାଇଛି- 'ହେଳୟା କାର୍ଯ୍ୟନାଶଃ ।' ଏଣୁ ଭଗବତ୍ ଭାବରେ ଜୀବନକୁ ସମର୍ପଣ କରିବା ବୁଦ୍ଧିମାନ୍‌ର କାର୍ଯ୍ୟ । ଭଗବାନ୍ ଚାହାନ୍ତି ଭକ୍ତି ଓ ଭାବ । ସୁନା, ରୁପା, ଟଙ୍କାପଇସା, ମୂଲ୍ୟବାନ୍ ଦ୍ରବ୍ୟରେ ସେ ପରିତୃପ୍ତ ନୁହନ୍ତି । ସାମାନ୍ୟ ପତ୍ର, ଫୁଲ, ଫଳ ଓ ଜଳ ତାଙ୍କର ପ୍ରିୟ । ଭକ୍ତିରେ ଦେଲେ ସେ ତାକୁ ଆଦରରେ ଗ୍ରହଣ କରନ୍ତି । ଶ୍ରୀମଦ୍ ଭଗବଦ୍ଗୀତା ମଧ୍ୟ ଏହାର ପ୍ରମାଣଦିଅନ୍ତି ।

"ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରଯଚ୍ଛତି ।
ତଦହଂ ଭକ୍ତ୍ୟୁପହୃତମଶ୍ନାମି ପ୍ରଯତାତ୍ମନଃ ।"

ପ୍ରଭୁ ଭାବ-ଭକ୍ତିପ୍ରିୟ, ସେଥିପାଇଁ ତ ତାଙ୍କ ନାମ ଭାବଗ୍ରାହୀ । ଅନ୍ତରରେ ପ୍ରବେଶ କରି ସବୁ ଜାଣିପାରନ୍ତି ବୋଲି ଅନ୍ତର୍ଯ୍ୟାମୀ । ଭାବଥିଲେ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଆଖିପିଛୁଳାକେ ଆଗରେ ଠିଆ ହୋଇଯାଆନ୍ତି । ଭାବ ନଥିଲେ, ଲୋକଦେଖାଣିଆ ଭାବରେ ଡାକିଲେ ତାଙ୍କୁ ଶୁଭେ ନାହିଁ । ଲକ୍ଷଯୋଜନାରେ ଥିବା ଗଜ, ବିପନ୍ନା ଦ୍ରୌପଦୀର ଡାକରେ ସେ ସେମାନଙ୍କର ଅଭୀଷ୍ଟ ପୂରଣ କରିଛନ୍ତି । ସାତ ଶହ ପଚାଶ କୋଶ ଦୂରରୁ ସାଲବେଗର ପ୍ରାର୍ଥନା ଶୁଣି ରଥରେ ଅଚଳ ମହାମେରୁ ପାଲଟିଛନ୍ତି । ଭକ୍ତ ଆସିଛି, ରଥ ଚାଲିଛି । ବର୍ଷବର୍ଷର ସାଧନା, ତପସ୍ୟାରେ ମୂଲ୍ୟ ନାହିଁ, ଯଦି ଭାବ ନାହିଁ । ଭାବ ଭକ୍ତିପାଇଁ ପ୍ରଭୁ ପାଗଳ । ଭାବଭକ୍ତିହୀନ ଲୋକଠାରୁ ସେ ଅଚିନ୍ତନୀୟ ଦୂରରେ ଥାଆନ୍ତି । ଏଣୁ ଅସାର, ଅସ୍ଥିର, କ୍ଷଣସ୍ଥାୟୀ ଜୀବନ ସମ୍ବନ୍ଧରେ ଚିନ୍ତାକରି ଭଗବତ୍ ଭାବରେ ନିମଜ୍ଜିତ ହେବା ପ୍ରତ୍ୟେକ ଲୋକର ସମୁଚିତ କର୍ତ୍ତବ୍ୟ ।

ମିଥ୍ୟାମାୟା ସଂସାର ନୋହେ କାହାରି
ମଲା ବୋଲିଣ ଦିନେ ପଡ଼ିବ ହୁରିରେ ।
ମହୀ ଭିତରେ କେହି ରଖିବ ନାହିଁ
ମଲା ବୋଲି କହୁଛୁ ମରିବୁ ତୁହି ରେ ।

ଶଂସିତ ପଦଟିରେ କବି ସଂସାରର ଏକ ବାସ୍ତବ ଚିତ୍ର ପ୍ରଦାନ କରିଛନ୍ତି । ତାଙ୍କ ଦୃଷ୍ଟିରେ ସଂସାର ମିଥ୍ୟା ଓ ମାୟାରେ ପରିପୂର୍ଣ୍ଣ । ଯେଉଁ ଶସ୍ୟଶ୍ୟାମଳା, ସାଗରସରିତ, ବନପର୍ବତ-ଭରା ପୃଥିବୀରେ ଆମେ ବାସକରୁଛେ ତାହା ବାସ୍ତବ ନୁହେଁ; ଏହା ମାୟାର ଏକ ପ୍ରହେଳିକା । ଆଜି ଯାହା ଅଛି, କାଲିକି ତାହା ନଥାଏ । ପ୍ରତ୍ୟେକର ବିନାଶ ଓ ପରିବର୍ତ୍ତନ ରହିଛି । ଅହରହ ମଣିଷ-ସମାଜ ମୃତ୍ୟୁକବଳିତ ହେଉଛନ୍ତି । ସାଂସାରିକ ସ୍ନେହବନ୍ଧନ ତୁଚ୍ଛ ଓ ମିଛ ।

କେତେ ଲୋକ ଧରାପୃଷ୍ଠରେ ଜନ୍ମ ହୋଇଛନ୍ତି । ଶକ୍ତି ସାମର୍ଥ୍ୟରେ ଧରାକୁ ସରା ମନେକରିଥିବା ଲୋକ ଜନ୍ମନେଇ ବିଦାୟ ନେଇଛନ୍ତି । କେହି ମର୍ତ୍ତ୍ୟକୁ ନିଜର ବୋଲି ପ୍ରମାଣିତ କରିପାରି ନାହାନ୍ତି । ଅନେକ ରାଜାମହାରାଜା ଦାନବମାନବ ପୃଥିବୀପୃଷ୍ଠରୁ ବିଦାୟ ନେଲେଣି । କେହି ପୈତୃକ ସଂପତ୍ତି

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଭାବେ ଧରାକୁ ସାବ୍ୟସ୍ତ କରିନାହାନ୍ତି । ଯେ ଧରାକୁ ଆସିଛି ସେ ଯାଇଛି । ଭର୍ତ୍ତୃହରିଙ୍କ ଉକ୍ତିଟିର ପ୍ରାସଙ୍ଗିକତା ଏଠାରେ ଦ୍ରଷ୍ଟବ୍ୟ । "ପରିବର୍ତ୍ତିନି ସଂସାରରେ ମୃତଃ କୋଽବା ନ ଜାୟତେ ।"

ମୃତ୍ୟୁର ଖେଳଘର ଏ ମର୍ତ୍ତ୍ୟ । ଜଣେ ମଲେ ଚାରିଆଡ଼େ ମୃତ୍ୟୁବାର୍ତ୍ତା ପ୍ରଚାରିତ ହୋଇଯାଏ । ସଜ୍ଜନ, ଦୁର୍ଜ୍ଜନ- କାହାରିକୁ ମୃତ୍ୟୁ ଛାଡ଼ିନାହିଁ । ମରଣ ମୁହଁରୁ ଜଣକୁ ରକ୍ଷାକରିବାର ଶକ୍ତି କାହାରି ନାହିଁ । ଯିଏ ଅନ୍ୟକୁ ମାରିପାରେ ସିଏ ବି ଦିନେ ମୃତ୍ୟୁର ଶିକାର ହୁଏ । ଜଣେ ଚାହିଁଲେ ଅନ୍ୟ ଜଣକୁ ମୃତ୍ୟୁର ମୁହଁରୁ ବଞ୍ଚାଇପାରିବ ନାହିଁ । ଏପରିକି ବିଧିନିର୍ଦ୍ଦେଶକୁ ଅମାନ୍ୟ କରିବାର ଶକ୍ତି ନରଦେହୀ ଭଗବାନଙ୍କର ମଧ୍ୟ ନାହିଁ । କାରଣ ସେ ଜୀବନ ମରଣ ଚକ୍ରର ଶୃଙ୍ଖଳାକୁ ବ୍ୟତିକ୍ରମ କରିବାକୁ ଚାହାନ୍ତି ନାହିଁ । ଏଠାରେ ମହାଭାରତର ପ୍ରସିଦ୍ଧ ଉକ୍ତିଟି ସ୍ମରଣୀୟ –

"ମାତୁଳଃ ଯସ୍ୟ ଗୋବିନ୍ଦଃ ପିତା ଯସ୍ୟ ଧନଞ୍ଜୟଃ
ସୋଽଭିମନ୍ୟୁଃ ରଣେ ଶେତେ ନିୟତି କେନ ବାଧ୍ୟତେ ।"

ମାମୁ ଶ୍ରୀକୃଷ୍ଣ ଓ ପିତାମହ ଧନୁର୍ଦ୍ଧାରୀ ଅର୍ଜୁନ ଥିଲେ ମଧ୍ୟ ଅଭିମନ୍ୟୁ ଯୁଦ୍ଧକ୍ଷେତ୍ରରେ ଚିର ଶୟନ କଲେ । ଆଜି ଅମୁକ ମରିଗଲା ବୋଲି କହୁଥିବା ଲୋକଟିର ମଧ୍ୟ ଦିନେନା ଦିନେ ମରଣ ହେବ ।

ଜନମ ହେଲେ ପ୍ରାଣୀ ଅବଶ୍ୟ ମରି
ଯଶ ରଖିବୁ ଯେବେ ଭଜ ଶ୍ରୀହରି ରେ ।
ଯମ ଯେ ବାନ୍ଧିନେବ ହେବୁ ମେଲାଣି
ଜଗନ୍ନାଥ ମହିମା ଏଡ଼ିକି ଆଣିରେ ।

ଜନ୍ମମୃତ୍ୟୁର ଚକ୍ରରୁ କୌଣସି ପ୍ରାଣୀର ନିସ୍ତାର ନାହିଁ । ମନୁଷ୍ୟ ହେଉ କି ମନୁଷ୍ୟେତର ପ୍ରାଣୀହେଉ, ତାର ଜନ୍ମ ସହିତ ମୃତ୍ୟୁଲୀଳା ସଂଘଟିତ ହୁଏ । ମାତୃଗର୍ଭରୁ ଭୂମିଷ୍ଠ ଶିଶୁ କ୍ରମଶଃ ବଢ଼ ହୋଇ ନିର୍ଦ୍ଦିଷ୍ଟ ଆୟୁଷ ସମାପ୍ତି ପରେ ମୃତ୍ୟୁ ବରଣ କରେ । ବୀଜରୁ ଗଛଟିଏ ହୋଇ ଯଥା ସମୟରେ ମରେ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ପଶୁପକ୍ଷୀ ମଧ୍ୟ ଜନ୍ମନେଇ ମରନ୍ତି । ମୃତ୍ୟୁ ଜୀବନର ଏକ ସ୍ତର । ଏହାକୁ ଅତିକ୍ରମ କରିବାର ସାମର୍ଥ୍ୟ କେହି ପାଇନାହିଁ ।

କେବଳ ଯଶସ୍ୱୀ ମନୁଷ୍ୟ ହିଁ ମରି ଅମର । ଯଶ ବା କୀର୍ତ୍ତି ହିଁ ମନୁଷ୍ୟକୁ ଅମର କରେ । ବିଭିନ୍ନ ସତ୍‌କର୍ମ କଲେ ଯଶ ମିଳେ; ମାତ୍ର ଅକ୍ଷୟ ଯଶ ହେଉଛି ଶ୍ରୀହରି ଭଜନ । ହରି-ପାଦାଶ୍ରିତ ବ୍ୟକ୍ତି ହିଁ ମରି ଅମର ହୋଇଥାଏ । ଶଙ୍କରାଚାର୍ଯ୍ୟ, ରାମକୃଷ୍ଣ ପରମହଂସ, ଶ୍ରୀଚୈତନ୍ୟ, କବିର, ନାନକ, ସାଲବେଗ ଓ ରାମାନୁଜଙ୍କ ପରି ହରିନାମାମୃତ ପାନ କରିଥିବା ବ୍ୟକ୍ତି ଆଜି ଜନମାନସରେ ବଂଚି ରହିଛନ୍ତି । ଯଥାର୍ଥରେ କୁହାଯାଇଛି, "କୀର୍ତ୍ତିର୍ଯସ୍ୟ ସ ଜୀବତି" ।

ମୃତ୍ୟୁଦେବତା ଯମ । ପ୍ରାଣୀର ଜୀବନ ଡୋରି ତାଙ୍କରି ହାତରେ । ମୃତ୍ୟୁ ସମୟ ଉପସ୍ଥିତ ହେଲେ କାଳପାଶ ଦ୍ୱାରା ଜୀବାତ୍ମାକୁ ବାନ୍ଧି ନିଅନ୍ତି । ଏହା ଆମର ଶାସ୍ତ୍ରୀୟ ଉଲ୍ଲେଖ । ପରପାରିର ଡାକରା ଆସିଗଲେ ପ୍ରାଣୀ ଧରାଧାମରୁ ବିଦାୟ ନିଏ । ମୃତ୍ୟୁ ହିଁ ମର୍ତ୍ତ୍ୟରୁ ମଣିଷକୁ ମେଲାଣି ନେବାକୁ ସାହାଯ୍ୟ କରେ ।

ଯମଦରବାରରେ କୃତକର୍ମର ବିଚାର ହୁଏ । ମନ୍ଦକର୍ମ ପାଇଁ ଦଣ୍ଡଭୋଗ କରିବାକୁ ପଡ଼େ; ମାତ୍ର ଅଶରଣଶରଣଦାୟକ ମହାବାହୁ ଜଗନ୍ନାଥଙ୍କୁ ଭଜନ କଲେ, ଆଶ୍ରୟ କଲେ ଯମଯନ୍ତ୍ରଣାରୁ ମୁକ୍ତି ମିଳେ । କବିଙ୍କର ଭକ୍ତିଟି ଆମକୁ ଚେତାଇ ଦିଏ-

"ଚକାନୟନକୁ ତକାରେ ମାନସ ଚକାନୟନକୁ ତକା
ନାଳିକ-ବନ୍ଧଜ ନାଲନେତ୍ର ତେଜ କରାଇ ପାରନ୍ତି ଫକା ।"

ଅତଏବ ନୀଳାଦ୍ରୀଶ ଜଗନ୍ନାଥଙ୍କର ଶରଣାପନ୍ନ ହେଲେ ଯମର ତେଜ, ପ୍ରାଧାନ୍ୟ ଲୋପପାଇବ । ଜଗନ୍ନାଥଙ୍କ ଟେକ, ବଡ଼ପଣ ନିକଟରେ ଅନ୍ୟର ଗର୍ବ, ଶକ୍ତି ତୁଚ୍ଛ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ରଂଗପସରା ସିନା ଭବସାଗର
ରଂଗ ଭିତରେ ଅଛି କି ନାରଖାରରେ ।
ରୂପ- ପ୍ରତିମାକୁ ତୁ ପରତେ ନ ଯା
ରହିବେ ନାହିଁ କେହି ରାଜାପରଜା ରେ ।

କବିଙ୍କ ଦୃଷ୍ଟିରେ ଭବସାଗର ଏକ ରଂଗପସରା । ସାଗର ଜଳର ଆଧାର, ସୁଗଭୀର, ନାନାବିଧ ଜଳଚର ଜୀବଙ୍କର ବାସସ୍ଥଳୀ । ଭବ ଅର୍ଥାତ୍ ପୃଥିବୀ ଜଞ୍ଜାଳ, ମାୟାମୋହମିଥ୍ୟାଦି ନାନା ଦୁର୍ଗୁଣ ଜଳରେ ପରିପୂର୍ଣ୍ଣ । ତେଣୁ ଏହାକୁ ଭବରୂପକ ସାଗର କହିବା ଯଥାର୍ଥ । ପୁଣି ଏ ସଂସାର ରଂଗର ଏକ ପସରା । ଅସଂଖ୍ୟ ଆକର୍ଷଣୀୟ ମନଲୋଭା ଦ୍ରବ୍ୟ ଏ ପୃଥିବୀରେ ରହିଛି; ଯାହା ମନୁଷ୍ୟକୁ ଭୁଲାଇ ସତ୍‌ରୁ ଅସତ୍‌କୁ ନେଉଛି । କାମିନୀ କାଞ୍ଚନ, ଧନସଂପତ୍ତି, ଦାରାତନୟ ଏବଂ ନେତ୍ରଲୋଭନୀୟ ଦ୍ରବ୍ୟାବଳୀ ମନୁଷ୍ୟକୁ ବିଷୟାବିଷରେ ପ୍ରଲୋଭିତ କରୁଛି । ଏହା ଦୁଃଖ ଓ ଅଶାନ୍ତିର ହେତୁ । ତେଣୁ ବାହ୍ୟ ବାଚକଚକ୍ୟ ଓ ପ୍ରଲୋଭନୀୟ ପଦାର୍ଥରେ ଜୀବନକୁ ବ୍ୟର୍ଥ କରିବାର ଉପାଦାନ ରହିଛି ।

ଆମର ଶରୀର ରୂପର ଏକ ପ୍ରତିମା । ପ୍ରତିମା ବା ମୂର୍ତ୍ତି ନିର୍ଜୀବ । ଧାତୁ, ମାଟି, ପଥର ପ୍ରଭୃତିରେ ନିର୍ମିତ । ନାନା ରଂଗର ଲେପରେ ତାହା ନେତ୍ରପ୍ରୀତିପଦ ହୋଇଥାଏ । ମାତ୍ର ସେ ରଂଗ କିମ୍ବା ମୂର୍ତ୍ତି ଶାଶ୍ୱତ ନୁହେଁ । ରଂଗ ଫିକା ପଡ଼ିଯାଏ । ମୂର୍ତ୍ତିର ଅବକ୍ଷୟ ଘଟେ । ସେହିପରି ଏକ ପୃଥିବୀ ବିନାଶଶୀଳ । ଏହାର ପରିବର୍ତ୍ତନ ପ୍ରତ୍ୟହ ଘଟୁଛି । ସୁତରାଂ ଇନ୍ଦ୍ରିୟଲାଳସାର ଚରିତାର୍ଥତା ନିମିତ୍ତ ପ୍ରଲୁବ୍ଧ ହେବା ମହାଦୁଃଖର କାରଣ ତଥା ବିପତ୍ତିର ପରିଚାୟକ । ସେହିପରି ରକ୍ତ-ମାଂସ-ମେଦ-ମଜ୍ଜା-ଅସ୍ଥିରେ ଗଠିତ ଦେହ ଏକ ପ୍ରତିମା । ଭିତରର କୁତ୍ସିତ ରକ୍ତମାଂସ ଉପରେ ଚମଡ଼ାର ଆବରଣ ଶରୀରକୁ ସ୍ୱତନ୍ତ୍ର ରୂପଦେଇଛି । ଅଜ୍ଞାନ ମନୁଷ୍ୟ ନାନା ବେଶପୋଷାକ ଓ ଅଳଙ୍କାରରେ ଶରୀରକୁ ଅଳଂକୃତ କରି ଅନ୍ୟର ଦୃଷ୍ଟିର ଆକର୍ଷଣ କରାଉଛି । ଯୁବକ ବା

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଯୁବତୀ ବାହ୍ୟ ସୌମ୍ୟ ରୂପ ପ୍ରତି ପ୍ରଲୁବ୍ଧ । ସୁନ୍ଦର ନରଦେହଧାରୀ ବ୍ୟକ୍ତିର ବିନାଶ ଅଛି । ତେଣୁ ଦେହକୁ ବିଶ୍ୱାସ କରି ଦେହାଭିମାନରେ ବୁଡ଼ିରହିବା ଅବିବେକିତା । ଆଜି ଶରୀର ଅଛି, କାଲିକି ନଥିବ ।

ମୃତ୍ୟୁର ବାଛବିଚାର ନଥାଏ । ମୃତ୍ୟୁପତି ଯମ ନ୍ୟାୟର ଅଧିପତି । ମୃତ୍ୟୁ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ । ରାଜା-ପ୍ରଜା, ଧନୀ-ଗରିବ, ଉଚ୍ଚ-ନୀଚ ତଥା ପୁରୁଷ-ସ୍ତ୍ରୀ କେହି ମୃତ୍ୟୁର କବଳରୁ ମୁକ୍ତ ନୁହନ୍ତି । ତେଣୁ ଶରୀରର ସ୍ୱାର୍ଥ ସୁଖାଭିଳାଷପାଇଁ ଜୀବନର ଲକ୍ଷ୍ୟକୁ ବ୍ୟର୍ଥ କରିବା ଅନୁଚିତ ।

ଲୋଚନେ ଦେଖି କର୍ଣ୍ଣେ ଶୁଣୁଛୁ ନିତି
ଲୋଭ କରି ଅର୍ଜିଲୁ ଧନ ସଂପତ୍ତିରେ ।
ଲୋଭଟି ସବୁ ନାଶ କରଇ ମନ
ଲୋଡ଼ିଲେ ନ ପାଇବୁ ଆଉ ଜୀବନ ରେ ।

ମନୁଷ୍ୟ ଜୀବନ ଦୁର୍ଲଭ । ଯୁଗଯୁଗର ସତ୍‌କର୍ମ, ସାଧନା ଓ ତପସ୍ୟାର ଏହା ଫଳ । ଈଶ୍ୱର ସୃଷ୍ଟ ମନୁଷ୍ୟ ଏକ ପ୍ରଜ୍ଞାବାନ୍ ପ୍ରାଣୀ । ତା'ଠାରେ ରହିଛି ବିଚାରବୁଦ୍ଧି । ଏହା ଠାକୁରଙ୍କର ଅବଦାନ । ଦେଖିଶୁଣି କାମ କରିବା ପାଇଁ ମନୁଷ୍ୟର ଅଛି ନେତ୍ର ଓ କର୍ଣ୍ଣ । ମାତ୍ର ଏ ଉଭୟ ଇନ୍ଦ୍ରିୟର ଯଥାର୍ଥ ବିନିଯୋଗ ନ କରି ବାହ୍ୟ ଆକର୍ଷଣରେ ମନୁଷ୍ୟ ଭଲିଯାଉଛି । କଦର୍ଯ୍ୟ କଥା, ଗୀତ ଶୁଣିବାକୁ ସେ ଭଲ ପାଉଛି । ବାହ୍ୟ କ୍ଷତିକାରକ ପରିବେଶ ତାକୁ ପ୍ରଲୁବ୍ଧ କରୁଛନ୍ତି । ଯେଉଁ ଚକ୍ଷୁ ଈଶ୍ୱରଙ୍କଠାରୁ ପ୍ରାପ୍ତ ତାହା ଈଶ୍ୱର ଦର୍ଶନ ପ୍ରତି ଲାଳାୟିତ ହେଉନାହିଁ । ବରଂ ଚିତ୍ତସ୍ଖଳନକାରୀ ରକ୍ତମାଂସ ଶରୀରର ରୂପ, କୃତ୍ରିମ ଦୃଶ୍ୟରାଜିର ଦର୍ଶନ ନିମିତ୍ତ ମନ ଢଳାଉଛି । ଫଳରେ ବିପଥଗାମୀ ହେଉଛି ।

ଏହି ବିପଥଗାମିତାର ହେତୁ ଲୋଭ । ଲୋଭ ଏକ ପୈଶାଚିକୀ ପ୍ରବୃତ୍ତି । ଏହା ମନୁଷ୍ୟ ଭୋଗବାସନାର ଇଚ୍ଛାକୁ ବଳବତ୍ତର କରେ । ଲୋଭର ଥରେ ବଶବର୍ତ୍ତୀ ହେଲେ ଲୋକ ସହଜରେ ସେଥିରୁ ମୁକ୍ତ ହୋଇପାରେ ନାହିଁ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଲୋଭ ବ୍ୟକ୍ତିକୁ ବିନାଶ ଆଡ଼କୁ ଅଗ୍ରସର କରାଏ । ଲୋଭରୁ ମୃତ୍ୟୁ ଉକ୍ତିଟି ସତ୍ୟ । ମାତ୍ର ଅସଂଯତମନା ଲୋଭର ବଶବର୍ତ୍ତୀ ହୋଇ ଧନସଂପତ୍ତି ରୋଜଗାର, ସଞ୍ଚୟରେ ମନପ୍ରାଣ ଢାଳିଦିଏ । ନୈତିକତାଠାରୁ ଦୂରେଇଯାଏ । ଆଉ କିଛି କର୍ତ୍ତବ୍ୟ ଅଛି ବୋଲି ଲୋଭୀ ମଣିଷ ଜାଣେ ନାହିଁ । ଈଶ୍ୱର ଭକ୍ତି, ଜୀବନଜିଜ୍ଞାସା ତା'ପାଇଁ ସ୍ୱପ୍ନ ହୋଇଥାଏ । ଲୋଭ ମନକୁ କରାୟତ କରି ତା'ର କାୟାବିସ୍ତାର କରେ । ଫଳରେ ମନୁଷ୍ୟ ଜନ୍ମର ଉଦ୍ଦେଶ୍ୟକୁ ଭୁଲି କୁକର୍ମ କରେ । କୁକର୍ମ ଜନିତ ଫଳ ଅତି ଭୟାବହ । ଏହା ନରକଗାମୀ କରାଏ । ଦୁର୍ଲଭ ମନୁଷ୍ୟ ଜନ୍ମପ୍ରାପ୍ତିର ଏହା ପ୍ରତିରୋଧକ । ପଛରେ ଅନୁତାପ କରିବାକୁ ବେଳ ନଥିବ । ମୃତ୍ୟୁପରେ କୁକର୍ମଜନିତ ଫଳରୁ ମନୁଷ୍ୟ ମନୁଷ୍ୟଦେହ ପାଇପାରି ନଥାଏ ।

ବିଅର୍ଥେ ବହିଅଛୁ ଦୁର୍ଲଭ ଦେହ
ବିଷୟାବିଷେ ଆଉ ନ ବଳା ସ୍ନେହରେ ।
ବୁଡ଼ିଯିବଟି ମୂଳ ଲାଭ ସରିବ
ବେଳହୁଁ ଆଶ୍ରେ କରି ଭଜମାଧବରେ ।

ମନୁଷ୍ୟ ଦେହଲାଭ ସାଧାରଣ କଥା ନୁହେଁ । ଜନ୍ମ ଜନ୍ମର ପୁଣ୍ୟ ବଳରୁ ଜୀବକୁ ଦୁର୍ଲଭ ମନୁଷ୍ୟ ଶରୀର ମିଳେ । ଏ ଶରୀର ଯାହାର ଦାନ, ତାଙ୍କୁ ଭୁଲିଯାଏ ମନୁଷ୍ୟ । ଦିନକ ପାଇଁ ବା ଦିନରେ ଥରକପାଇଁ ହରି ନାମ ନେବାକୁ ତାଙ୍କୁ ସମୟ ମିଳେନା । ଏହାର ମୂଳରେ ରହିଛି ବିଷୟବାସନା । ବିଷୟ ଅର୍ଥାତ୍ ଧନସଂପତ୍ତି ବା ସାଂସାରିକ ସୁଖଭୋଗର ଲୋଭ । ଭୋଗ୍ୟବସ୍ତୁ, ସଂପତ୍ତି ପ୍ରତି ମଣିଷର ଅହେତୁକ ଲାଳସା ବଢ଼ିଯାଇଛି । ଏହି ବିଷୟ ବିଷରୂପେ ପରିକଳ୍ପିତ । ବିଷ ବା ଜହର ମୃତ୍ୟୁର କାରଣ । ବିଷପାନକାରୀ ମୃତ୍ୟୁବରଣ କରେ । ସେହିପରି ବିଷୟୀ ବା ବିଷୟାସକ୍ତ ମନୁଷ୍ୟ ଧନସଂପତ୍ତି, ସାଂସାରିକ ଭୋଗ ଜଞ୍ଜାଳରେ ଘାଣ୍ଟିହୋଇ ଅକଳ୍ପନୀୟ ଦୁଃଖଯନ୍ତ୍ରଣା ଭୋଗ କରେ । ତେଣୁ ତାର ମନୁଷ୍ୟ ଶରୀର ଧାରଣର ଲକ୍ଷ୍ୟ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ବୃଥା ହୋଇଥାଏ । ତେଣୁ ଭକ୍ତଚରଣ ବିଷୟବାସନାରୁ ମୁକ୍ତ ହେବାକୁ ମନୁଷ୍ୟକୁ କାତର ଆହ୍ୱାନ କରିଛନ୍ତି । ବିଷୟବୁଦ୍ଧିର ଲୋପପାଇଁ ପ୍ରଭୁଭଜନରେ ମନପ୍ରାଣ ଢାଳିଦେଲେ ବିଷୟବୈରାଗୀ ଜାତ ହେବ ।

ବିଷୟାସକ୍ତ ମନେ ରଖିବା ଉଚିତ ଯେ ଦେହର ବିନାଶ ଅଛି । ଦେହ ଚାଲିଗଲେ ଦେହ ପାଇଁ ଉପାର୍ଜିତ ଧନସଂପତ୍ତିର କିଛି ମୂଲ୍ୟ ନାହିଁ । ଟଙ୍କା ସୁଧ ଦେଲେ ଲାଭ ମିଳେ । ମାତ୍ର ମୂଳଟଙ୍କା ନମିଳିବା ସ୍ଥଳେ ସୁଧଲାଭର ପରିକଳ୍ପନା କରାଯାଇପାରେନା । ତେଣୁ ଜୀବନର ନଶ୍ୱରତା ସଂପର୍କରେ ସଚେତନ ହୋଇ ମାଧବ ଭଜନରେ ମନପ୍ରାଣ ସମର୍ପଣ କରିବା ପ୍ରତ୍ୟେକ ଲୋକର ପରମ କର୍ତ୍ତବ୍ୟ । ଏହି ବିଷୟାବିଷର ପରିଣତି ସଂପର୍କରେ କବି ବେଣୁଧରଙ୍କର ବାଣୀ ସ୍ମରଣୀୟ –

"ବିଷୟାବିଷରେ ଘାରି ହେଉଅଛି ବୃଥା ରଜନୀ ଦିବସ
କୁମ୍ଭୀପାକେ ପଡ଼ି ଘାଣ୍ଟିହେଲା ବେଳେ ଯମକୁ କି ହେବ ଦୋଷ ।"

ତେଣୁ ନରକ ପତନରୁ ଉଦ୍ଧାରପାଇଁ ମୃତ୍ୟୁ ପୂର୍ବରୁ ଯତ୍ନବାନ୍ ହେବାକୁ ପଡ଼ିବ । ମଂଗଳମୟ ଭଗବାନ୍‌ଙ୍କର ନାମସ୍ମରଣରେ ସର୍ବ ଦୁଃଖତାପ ଦୂର ହୋଇଯିବ । ସଂସ୍କୃତ ମଂଗଳାଷ୍ଟକରେ କୁହାଯାଇଛି –

"ମାଧବୋ ମାଧବୋ ବିଷ୍ଣୁଃ ମାଧବୋମାଧବୋ ହରିଃ
ସ୍ମରନ୍ତି ସାଧବୋ ନିତ୍ୟଂ ସର୍ବକାର୍ଯ୍ୟେଷୁ ମାଧବମ୍ ।"

ଶ୍ରୀକୃଷ୍ଣ ପାଦପଦ୍ମେ ଦିଅ ତୁ ମନ
ସରିଲେ ନ ପାଇବୁ ଆଉ ଜୀବନରେ ।
ଶ୍ରୀକୃଷ୍ଣ ନାମଗୋଟି କର ଭଜନ
ଶ୍ରୀକୃଷ୍ଣ ପାଦପଦ୍ମେ କରତୁ ଧ୍ୟାନ ରେ ।

ସାଧାରଣ ଦୃଷ୍ଟିରେ ମନୁଷ୍ୟ ଶରୀର ତୁଚ୍ଛ । କାରଣ ଏହାର ମୃତ୍ୟୁ ଅଛି । ମାତ୍ର ଦେବତାମାନେ ମଧ୍ୟ ମନୁଷ୍ୟ ଦେହ ଧାରଣ କରିବାକୁ ଇଚ୍ଛା କରନ୍ତି ଏବଂ ମର୍ତ୍ତ୍ୟକୁ ଆସି ଲୀଳା କରନ୍ତି । ଏଣୁ ମନୁଷ୍ୟ ଶରୀରର ମହତ୍ତ୍ୱ ମହଜରେ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଅନୁମେୟ । ଶରୀର ଧାରଣର ମହତ୍ ଲକ୍ଷ୍ୟ ହେଉଛି ଈଶ୍ୱର ଭକ୍ତିର ପ୍ରାପ୍ତି । ତେଣୁ ପ୍ରଭୁଙ୍କଠାରେ ମନପ୍ରାଣ ଅର୍ପଣ କରି କାର୍ଯ୍ୟକରିବା ଉଚିତ ।

ପ୍ରଭୁଙ୍କର ତ ଅନେକ ନାମ । କଳିଯୁଗରେ ଭଜନ କୀର୍ତ୍ତନ ପାଇଁ କୃଷ୍ଣନାମର ମହତ୍ତ୍ୱ ସର୍ବାଧିକ । କୃଷ୍ଣଙ୍କୁ ସ୍ୱୟଂ ଭଗବାନ୍ ବୋଲି କୁହାଯାଇଛି- 'କୃଷ୍ଣସ୍ତୁ ଭଗବାନ୍ ସ୍ୱୟମ୍ ।' ସୁତରାଂ 'ହରେକୃଷ୍ଣ' ମହାମନ୍ତ୍ରକୁ ଜପ, ଭଜନ କଲେ, କୃଷ୍ଣଗତ ପ୍ରାଣ ହେଲେ ଭବଦୁଃଖର ପରିସମାପ୍ତି ଘଟିବ । ଜନ୍ମମୃତ୍ୟୁ-ଚକ୍ରରୁ ମୁକ୍ତି ମିଳିବ । ସାଂସାରିକ ବିଷୟବାସନାରେ ବୁଡ଼ି ସମୟ କାଟିଦେଲେ ସବୁ ସରିଗଲା । ମୁକ୍ତିତ ଦୂରର କଥା, ଆଉ ଦୁର୍ଲଭ ମଣିଷ ଶରୀର ମିଳିବ ନାହିଁ । ମଲାବେଳେ ଯଦି ଥରୁଟିଏ କୃଷ୍ଣ ନାମ ଧରାଯାଏ ତେବେ ସବୁ ମିଳିଗଲା, ଜୀବନ ଧନ୍ୟ ହୋଇଯିବ । ଭକ୍ତ ଏଥିପାଇଁ କହେ- 'ହା କୃଷ୍ଣ ବୋଲି ପ୍ରାଣଯାଉ ।'

ସଂତୋଷ ଚିତ୍ତେ ତୁହି ହରିଙ୍କୁ ଭଜ
ସଂସାରେ ପଡ଼ି ଆଉ ନପାଅ ଲାଜରେ ।
ସବୁଟି ମିଛ ହରିନାମଟି ସତ
ଶ୍ରୀକୃଷ୍ଣ ପାଦପଦ୍ମେ ଦିଅ ତୁ ଚିତ୍ତ ରେ ।

କୃଷ୍ଣପ୍ରାଣତା କଳିକଳୁଷ ହରଣ କରେ । ଭବଦୁଃଖର ବିନାଶ ଘଟାଏ । ପ୍ରଭୁଙ୍କ ଭଜନ ପାଇଁ ସଂତୋଷ ଚିତ୍ତର ଆବଶ୍ୟକତା ଅଛି । ଏହି ସଂତୋଷ ଚିତ୍ତ ହେଉଛି ହୃଦୟର ନିର୍ମଳତା । ବିଷୟଜଂଜାଳରୁ ମନ ମୁକ୍ତ ନ ହେଲେ ହରିଭଜନ କରିପାରିବ ନାହିଁ । ଏମିତି ସଂସାର ଜଂଜାଳରେ ପଡ଼ି ଲଟପଟ ହେଉଥିବ, ଆତ୍ମାର ଅପମାନ କରୁଥିବବବବ । ତେଣୁ ବିଷୟ ବୃଦ୍ଧିକୁ ଛାଡ଼ି ନିର୍ମଳ ବୁଦ୍ଧିରେ ହରିଭଜନ କଲେ ସବୁ ମିଳିଯିବ । କହି ବେଣୁଧରଙ୍କ ହୃଦୟସ୍ପର୍ଶୀ ଭଜନ ମନନ କରଣୀୟ –

"ମନ କହଇରେ ହରିରାମ ନାମ ଘୋଷ
ନାମଠାରୁ ବଳି ପରମ ପଦାର୍ଥ ଏ ସଂସାରେ ଅଛି କିସ ।"

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

କବି ଦୁଇଟି ତତ୍ତ୍ୱର ଅବତାରଣା କରିଛନ୍ତି । ପ୍ରଥମଟି ଦୃଶ୍ୟମାନ ସଂସାର ମିଥ୍ୟା ଓ ମାୟାମରୀଚିକାରେ ପରିପୂର୍ଣ୍ଣ । ବ୍ରହ୍ମସତ୍ୟଂ, ଜଗନ୍ମିଥ୍ୟାଂ- ଏହି ଉକ୍ତିର ଏହା ଆଭାସମାତ୍ର । ଈଶ୍ୱର ହିଁ ସତ୍ୟ ଓ ତାଙ୍କର ନାମ ହିଁ ସତ୍ୟ । ସୁତରାଂ ପରମ ପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କର ପଦକମଳରେ ଶରଣ ନେବା ଉଚିତ । କୃଷ୍ଣନାମ ହିଁ କେବଳ ମୁକ୍ତିଦାୟକ ।

ସତ୍ୟ ମଣୁଛୁ ତୁହି ଭବସାଗର
ସରିଯାଉଛି ପରମାୟୁ ତୋହର ରେ ।
ସଂତୋଷ ହୋଇ ଦୃଢ଼େ ଭଜ ଶ୍ରୀହରି
ଶୋକସାଗରୁ ଯେବେ ହୋଇବୁ ପାରି ରେ ।

ବହୁ ମୁନିଋଷି, ସାଧୁସନ୍ଥ, ଜ୍ଞାନୀ-ବିଦ୍ୱାନ୍‌ଙ୍କ ଦ୍ୱାରା ବହୁ ପୂର୍ବରୁ ସଂସାରର ମିଥ୍ୟାତ୍ୱ ପ୍ରତିପାଦିତ ହୋଇଛି । ତଥାପି ମାୟାଚ୍ଛନ୍ନ ମୂଢ଼ ମନୁଷ୍ୟ ଭବକୁ ସତ୍ୟରୂପେ ଗ୍ରହଣ କରୁଛି । ଅସଂଖ୍ୟ ଦୁଃଖ କଷ୍ଟଯାତନାରେ ପରିପୂର୍ଣ୍ଣ ସଂସାର ଏକ ସାଗର । ଏଥିରେ ଉଦୁଟୁବୁ ହେଉଥିବା ମଣିଷର ଆୟୁଷ ପ୍ରତି ନିମିଷରେ କମିକମି ଯାଉଛି । ମିଥ୍ୟା ସତ୍ୟଭଳି ପ୍ରତୀୟମାନ ହେଉଛି । ଏଭଳି ଭ୍ରାନ୍ତ ସତ୍ୟ ପ୍ରତୀତି ପରିହାର କରିବାକୁ କବି ଉପଦେଶ ଦେଇ ଦୃଢ଼ତାର ସହିତ ହରିଭଜନ କରିବାକୁ ସୁପରାମର୍ଶ ଦେଇଛନ୍ତି । ହରିଭଜନ ବା ହରିଙ୍କଠାରେ ପ୍ରୀତି ଅନୁରାଗ ସୃଷ୍ଟି ସହଜ କଥା ନୁହେଁ । ଏଥିନିମିତ୍ତ ସଂତୋଷର ଆବଶ୍ୟକତା ଅଛି । ସଂତୋଷ ହେଉଛି ପରମ ଧନ ଓ ଶ୍ରେଷ୍ଠ ସୁଖଶାନ୍ତି । ପ୍ରସନ୍ନ ଚିତ୍ତରେ ଗଭୀର ଆତ୍ମପ୍ରତ୍ୟୟ ରହିଲେ ହରିପ୍ରୀତି, ପ୍ରଭୁଙ୍କର ନାମକୀର୍ତ୍ତନର ଅନୁରାଗ ସୃଷ୍ଟିହେବ । ହରିଭଜନର ଚରମ ପର୍ଯ୍ୟାୟରେ ପହଞ୍ଚିଲେ ପାର୍ଥିବ ଶୋକଦୁଃଖରୁ ମୁକ୍ତି ମିଳିବ । ଦୁଃଖସିନ୍ଧୁ ଅତିକ୍ରମ କରିବାପାଇଁ ହରିନାମ ନୌକା ହିଁ ଏକମାତ୍ର ସହାୟ । ତେଣୁ ଛଳନାର ସତ୍ୟ ଛାଡ଼ି ବାସ୍ତବ ସତ୍ୟ ଅନୁଭବ କରିବା ପାଇଁ ହରିନାମ ରଟନରେ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ମନୋନିବେଶ କରିବା ଉଚିତ; ଯଦ୍ଦ୍ୱାରା ଦୁଃଖଶୋକର ସାଗର ପାରିହେବା ସହଜସାଧ୍ୟ ହେବ । ଏ କ୍ଷେତ୍ରରେ ହରିତତ୍ତ୍ୱ ବର୍ଣ୍ଣିତ ଗ୍ରନ୍ଥ ଅଧ୍ୟୟନ କଲେ ମାର୍ଗଦର୍ଶନ ମିଳିବ ।

ହୁଡ଼ିଲେ ଯେତେ ଜନ ହରିନାମକୁ
ହୀନଗତିକି ଗଲେ ବୁଡ଼ି ତଳକୁ ରେ ।
ହେଜିଲେ ଦେହ ଆଉ ପାଇବୁ ନାହିଁ
ହଟା ବସାଇଥିବେ ତୋ ଦେହ ପାଇଁରେ ।

'ହରି' ଦୁଃଖହାରୀ ଓ ସଂସାର ସିନ୍ଧୁ ପାରକାରୀ । ହରି ନାମର ମହିମା ଅନନ୍ତ ଓ ଅସୀମ । ହରିଙ୍କର ଅସଂଖ୍ୟ ନାମରୁ ଯେ କୌଣସି ଗୋଟିଏ ନାମ ସୁଗତି ପ୍ରଦାନ କରିପାରେ । ଅଚିନ୍ତନୀୟ ପାପତାପରୁ ଉଦ୍ଧାର କରିପାରେ । ଯମ ଯନ୍ତ୍ରଣାର ଭୟ ଦୂରହୋଇଯାଏ । ହରିପ୍ରୀତି ଯାହାର ନାହିଁ, ଯେ ହରିନାମ ତୁଣ୍ଡରେ ଥରକ ପାଇଁ ଉଚ୍ଚାରଣ କରିନାହିଁ, ତାହାର ଜୀବନ ଓ ଜନ୍ମ ବୃଥା । ସେଭଳି ଲୋକର ସକଳ କର୍ମ ପାରଲୌକିକ ସୁଖଦାୟୀ ନୁହେଁ । ହରିନାମକୁ ଛାଡ଼ିଥିବା ଲୋକେ ମୃତ୍ୟୁପରେ ନରକଗାମୀ ହୁଅନ୍ତି । ପରବର୍ତ୍ତୀ କାଳରେ ନୀଚଜନ୍ମ ନିଅନ୍ତି । ନରଜନ୍ମର ଅଧୋଗତି ଘଟେ । ପୁରାଣମାନଙ୍କରେ ଏଭଳି ହରିନାମରୁ ଦୂରେଇ ଯାଇଥିବା ଅସଂଖ୍ୟ ପାପୀତାପୀମାନଙ୍କର ଉପାଖ୍ୟାନ ବର୍ଣ୍ଣିତ ଅଛି ।

ଏ ଦେହ ଭଗବାନଙ୍କର ଦାନ । ଦେହ ମନ୍ଦିରରେ ପରମେଶ୍ୱରଙ୍କ ଅର୍ଚ୍ଚନା- ଉପାସନା କରିବା ପାଇଁ ଦେହଧାରୀ ମଣିଷ ସର୍ବଦା ତତ୍ପର ରହିବା ଉଚିତ । ମଣିଷ ଶରୀର ପାଇ ମଣିଷ ପଣିଆର ଉନ୍ନତି ନ କଲେ ଦେହଲାଭର ଲକ୍ଷ୍ୟ ଚରିତାର୍ଥ ହୁଏ ନାହିଁ । ମୃତ୍ୟୁ ଆସିବା ପୂର୍ବରୁ କର୍ତ୍ତବ୍ୟ ସ୍ଥିର କରିନେବା ଉଚିତ । ଶରୀର ହିଁ ଧର୍ମସାଧନାର ଆଦ୍ୟସାଧନ । ତେଣୁ ନରଜନ୍ମ ବୃଥା କଲେ ଆଉ ନରଦେହ ପାଇବାର ସମ୍ଭାବନା ନାହିଁ ।

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଲୋକମାନେ ମଲା ଲୋକ ସଂପର୍କରେ ଚର୍ଚ୍ଚାକରି ବସନ୍ତି । ଲୋକର ଦୁର୍ଗୁଣ ଗାଆନ୍ତି । ଏପରିକି ଦାନ ଧର୍ମ କର୍ମ କରୁନଥିବା ତଥା ଈଶ୍ୱର ପରାଙ୍‌ମୁଖ ବ୍ୟକ୍ତି ସଂପର୍କରେ ଜୀବତାବସ୍ଥାରେ ମଧ୍ୟ ଚୁଗୁଲିଚମ୍ପଟ କରିବାକୁ ପଛାଇ ନଥାନ୍ତି । ଫଳରେ ଲୋକହସା ଓ ଲୋକନିନ୍ଦାର ବାଜା ବାଜେ । ଏଭଳି ନିନ୍ଦିତ ଜୀବନ ଧାରଣର କୌଣସି ମୂଲ୍ୟ ନାହିଁ । ସୁତରାଂ ଦୁର୍ଲଭ ଦେହର ସାର୍ଥକତା ପାଇଁ ଈଶ୍ୱରାନୁଚିନ୍ତନ କରଣୀୟ ।

ଷୟ ଦୁର୍ଲଭ ଦେହ ହୋଏ ଆୟୁଷ
ଷୟ ନ ଯିବ ନାମ ହୃଦରେ ଘୋଷରେ ।
ଛାର ଦେହକୁ ମନ ନ ଯା ବିଶ୍ୱାସ
ଛାର ଦୁର୍ବୁଦ୍ଧି କହେ ଭକତ ଦାସ ରେ ।

କବି ଭକ୍ତଚରଣ ଦାସ ମନବୋଧ ଚଉତିଶା 'କଳାଶ୍ରୀମୁଖ'- ଦର୍ଶନରେ ଆରମ୍ଭ କରିଥିଲାବେଳେ ପରିସମାପ୍ତି ଘୋଷଣା କରିଛନ୍ତି ପ୍ରଭୁଙ୍କର 'ନାମ ସ୍ମରଣରେ ।' ପ୍ରଭୁଙ୍କର ଦର୍ଶନ, ଅର୍ଚ୍ଚନ, ନାମସ୍ମରଣ ଓ ଜପ ଭକ୍ତିର ଗୋଟିଏ ଗୋଟିଏ ଦିଗ । ବହୁ ସାଧନଲବ୍ଧ ମନୁଷ୍ୟର ଶରୀର । ଏଡି ଶରୀରରେ ଆୟୁଷ ହେଉଛି ଜୀବନ ସତ୍ତାର ଅସ୍ତିତ୍ୱ । ଆୟୁଷ ନିର୍ଦ୍ଦିଷ୍ଟ । ବୟସର ବୃଦ୍ଧି ସହିତ ଆୟୁଷ ହ୍ରାସପାଏ । ଜୀବନ ମୃତ୍ୟୁ ଦିଗକୁ ଧାବିତ ହୁଏ । କିଂତୁ ଦୁର୍ଲଭ ଦେହଧାରୀର ପ୍ରଭୁନାମ ସ୍ମରଣ, ଜପ ଅବିନାଶୀ । ନାମୀ ଓ ନାମ ଉଭୟ ଅଭିନ୍ନ । ଯଥାକ୍ରମେ ଉଭୟର ଦର୍ଶନ ଓ ସ୍ମରଣ-ଉଚ୍ଚାରଣରେ ଅର୍ଜିତ ପାତକ ଚାଲିଯାଏ । ମୁକ୍ତିର ମାର୍ଗ ସୁଗମ ହୁଏ । ତେଣୁ ଭଗବାନଙ୍କର ଅକ୍ଷୟ ନାମକୀର୍ତ୍ତନ ପଥକୁ ପାଥେୟ ।

ଏ ଘୋର କଳିକାଳରେ କୃଷ୍ଣ ଓ ରାମଙ୍କର ନାମୋଚ୍ଚାରଣ ଅତ୍ୟଧିକ ଫଳପ୍ରଦ । ସକଳ ଦୁଃଖରୁ ମୁକ୍ତ କରେ ଏହି ନାମ । ଅହରହ ହରିନାମ

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

ଘୋଷିଲେ ଜୀବର ଉଦ୍ଧାର ହୁଏ । ଦେହ ଅନିତ୍ୟ, ଅସ୍ଥିର ଓ କ୍ଷଣଭଂଗୁର । ଶରୀରର ବିନାଶ ଅଛି । ଏଣୁ ଦେହପ୍ରତି ବିଶ୍ୱାସ ଅନୁଚିତ ।

କବି ଭକ୍ତଚରଣ ମନବୋଧ ଚଉତିଶାରେ ଈଶ୍ୱର ଦର୍ଶନ, ନାମସ୍ମରଣ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଭକ୍ତି ହିଁ ଭଗବତ୍ ପ୍ରାପ୍ତିର ମୁଖ୍ୟ ଉପାଦାନ । କବି ସଂସାରର ଅନିତ୍ୟତା, ଜୀବନର ନଶ୍ୱରତା ପ୍ରତିପାଦନ ସହିତ ନାମରଟନର ଶାଶ୍ୱତତା ପ୍ରତିପାଦନ କରିଛନ୍ତି । କ୍ଷୟିଷ୍ଣୁ ଶରୀରରେ ଅଭିମାନର କୌଣସି ମୂଲ୍ୟ ନାହିଁ । କବିଙ୍କର ଏ ଉକ୍ତି ଚିରନ୍ତନ ସତ୍ୟ ଉପରେ ପ୍ରତିଷ୍ଠିତ । କବିଙ୍କର ମାନବପ୍ରୀତିର ପଟାନ୍ତର ନାହିଁ । କବିତାର ଶେଷାଂଶରେ ମହାପ୍ରାଜ୍ଞ, ତତ୍ତ୍ୱଦର୍ଶୀ, ସଂସାର ବିରାଗୀ ଭକ୍ତ ଭକ୍ତଚରଣ ନିଜକୁ 'ଛାର' ଦୁର୍ବୁଦ୍ଧି ବୋଲି ଘୋଷଣା କରି ନିଜର ଦୈନ୍ୟବୋଧିକା ପ୍ରକାଶ କରିଛନ୍ତି ।

ଓଁ ତତ୍ ସତ୍ ।

●●

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri

Dr. Urmila Sharma Collection, Varanasi

CC0. In Public Domain, Digitizagtion by eGangotri



ସତ୍ୟନାରାୟଣ ବୁକ୍‌ଷ୍ଟୋର

Dr. Urmila Sharma Collection, Varanasi